ONE STEP TOWARDS PARENTHOOD

INDIRA IVF
FERTILITY & IVF CENTRE

ପରିବାର ପରିପୂର୍ଣ ନହେବାର,
# ଦୁଃଖ ଆମେ ବୁଝିପାରୁ



## କେଉଁମାନେ ନିଃଶୁଳ୍କ ପରାମର୍ଶ ପାଇଁ ସମ୍ପର୍କ କରିପାରିବେ

- ସ୍ୱଳ୍ପ ଶୁକ୍ରାଣୁ ଗଣତି
- ଶୁକ୍ରାଣୁ ହିନତା
- ସ୍ୱଳ୍ପ ଶୁକ୍ରାଣୁ ସଜୀବତା
- ଦୁର୍ବଳ ମାନର ଶୁକ୍ରାଣୁ
- ଅବରୁଦ୍ଧ ଗର୍ଭ ନଳୀ
- ଅନିୟମିତ ଋତୁଚକ୍ର
- ଡିମ୍ବାଣୁ ଗଠନରେ ସମସ୍ୟା
- ଅସମୟରେ ଡିମ୍ବାଣୁ ନଷ୍ଟ ହେବା

### ନଳୀ ଅବରୋଧ ହୋଇଥିଲେ ମଧ୍ୟ ଗର୍ଭଧାରଣ ସମ୍ଭବ

ମହିଳାମାନଙ୍କଠାରେ ଅନୁପ୍ରାଦକତାର ସାଧାରଣ କାରଣ ହେଉଛି ଅବରେଧ ହୋଇଥିବା ଫେଲୋପିଆନ୍ ଟ୍ୟୁବ୍। ଟେଷ୍ଟ ଟ୍ୟୁବ୍ ବେବି (ଆଇଭିଏଫ୍) ଟେକନିକ୍ ପ୍ରାୟ ଚାରି ଦଶନ୍ଧି ତଳେ ବିକଶିତ ହୋଇଥିଲା। ବର୍ତ୍ତମାନ ଏହା ଅଗଣିତ ମହିଳାଙ୍କୁ ଫେଲୋପିଆନ୍ ଟ୍ୟୁବ୍ ଅପରେସନ୍ ନ କରି ମାଆ ହେବାର ଆନନ୍ଦ ଦେବାରେ ସହାୟତା କରୁଛି।

### ଋତୁସ୍ରାବ ବନ୍ଦ ହେବା ପରେ ମାତୃତ୍ୱ

ଗର୍ଭଧାରଣ ସମସ୍ୟାର ପ୍ରମୁଖ କାରଣଗୁଡ଼ିକ ହେଲା ବିଳମ୍ବରେ ବିବାହ, ଅଧିକ କାର୍ଯ୍ୟଭାର ଏବଂ ମାନସିକ ଚାପ । ଆଇୟୁଆଇ, ଆଇଭିଏଫ୍, ଆଇସିଏସ୍ଆଇ ଭଳି ଅତ୍ୟାଧୁନିକ ବୈଷୟିକ କୌଶଳ ଋତୁସ୍ରାବ ବନ୍ଦ ପରେ ମଧ ସେମାନଙ୍କ ପରିବାର ସଂପୂର୍ଣ୍ଣ କରିବାରେ ନିଃସନ୍ତାନ ଦମ୍ପତ୍ତିଙ୍କ ପାଇଁ ଅତ୍ୟନ୍ତ ସହାୟକ ସାବ୍ୟସ୍ତ ହୋଇଛି।

### କମ୍ ସଂଖ୍ୟକ ଶୁକ୍ରାଣୁ ଥିଲେ ମଧ ମୋର ସ୍ୱପ୍ନ ସାକାର ହେବ

ଆଜି ନିମ୍ନ ଶୁକ୍ରାଣୁ ସଂଖ୍ୟା ଅନୁପ୍ରାଦକତା ପାଇଁ ପୁରୁଷମାନଙ୍କଠାରେ ଦେଖାଯାଉଥିବା ଏକ ସାଧାରଣ କାରଣ। ଆଇଭିଏଫ୍ ଟେକନିକ୍ ଅନେକ ପୁରୁଷଙ୍କୁ ସେମାନଙ୍କ ନିଜର ଶୁକ୍ରାଣୁ ବ୍ୟବହାର କିର ପିତା ହେବାର ସ୍ୱପ୍ନ ସାକାର କରିବାରେ ସାହାଯ୍ୟ କରୁଛି। ଟିଇଏସ୍ଇ ଏବଂ ଆଇସିଏସ୍ଆଇ ଭଳି ଟେକନିକ୍ ବିଭିନ୍ନ ଶୁକ୍ରାଣୁଜନିତ ସମସ୍ୟା ଥିବା ପୁରୁଷମାନଙ୍କ ପାଇଁ ବରଦାନ ପ୍ରମାଣିତ ହୋଇଛି।

**ଉପଲବ୍ଧ ସେବାଗୁଡ଼ିକ** ଗର୍ଭଧାରଣ ସମସ୍ୟାର ଯାଂଚ. ଆଇୟୁଆଇ. ଆଇଭିଏଫ୍. ଆଇସିଏସ୍ଆଇ. ଲେଜର ହ୍ୟାଚିଂ ବ୍ଲାଷ୍ଟୋସିଷ୍ଟ. ଲାପାରୋସ୍କୋପି. ହିଷ୍ଟେରୋସ୍କୋପି. ଡୋନୋର ସର୍ଭିସ୍

## ଇନ୍ଦିରା ଆଇଭିଏଫ୍ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍

**ଭୁବନେଶ୍ୱର**
ଦ୍ୱିତୀୟ ମହଲା, ଟ୍ରିପଲେକ୍ସପ୍ଲଟ୍ନଂ.୧୨, ଗଜପତି ନଗର,
ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର

**କୋଲକାତା**
ଦ୍ୱିତୀୟ ମହଲା, ୫୭–ବି, ପତାକା ହାଉସ, ବେଙ୍ଗଲ ହ୍ୟୁଣ୍ଡାଇ
ଶୋ'ରୁମ୍ସାମ୍ନା, ମିର୍ଜା ଗାଲିବ ଗଳି, ପାର୍କ ଷ୍ଟ୍ରିଟ୍ଏରିଆ, କୋଲକାତା

ନିଜର ପ୍ରଶ୍ନଗୁଡ଼ିକୁ ନେଇ ଡାକ୍ତରଙ୍କ ସହିତ ଆଲୋଚନା କରିବାକୁ କଲ୍ କରନ୍ତୁ **7412077811** (2 PM to 5 PM)

Call : 7412077811 / 812 | Email : help@indiraivf.in | Website : www.indiraivf.com

- 54 Centres PAN India
- Treatment protocol as per individual need
- Patient friendly treatment options

'बेटी बचाओ/बेटी पढ़ाओ' अभियान में सहयोग करें। भ्रूण लिंग परीक्षण करवाना जघन्य अपराध है, यह कार्य हमारे यहां नहीं किया जाता है।

Disclaimer : The models used in the creative is just for illustration purpose only.

Prenatal Sex Determination & Sex Selection is illegal and not done here.

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦିବ୍ୟରଞ୍ଜନ
ପରିବାରବର୍ଗ


ଭରତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


ପ୍ରଥମ ପୃଷ୍ଠାରୁ...

## ପ୍ରବଳ ଶୀତରେ ଅନ୍ୟ ପିଣ୍ଡାରେ...

ଡାକ୍ତରଙ୍କ ସହ ଆଲୋଚନା କରିଛନ୍ତି । ଛୁଆଟିକୁ ୨ ଦିନ ଏସ୍‌ଏନ୍‌ସିୟୁରେ ରଖାଯିବା ପରେ ସିଡବ୍ଲ୍ୟୁସି ନିକଟରେ ହାଜର କରାଯିବ । କୋରାପୁଟ ମେଡିକାଲ କଲେଜରେ ଶିଶୁର ଚିକିତ୍ସା କରାଯିବ । ୧ ମାସ ଭିତରେ ଶିଶୁ ପାଇଁ କେହି ଦାବି କରିବାକୁ ନଆସିଲେ ପ୍ରଶାସନ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବ। ସିଡବ୍ଲ୍ୟୁସି ନିର୍ଦ୍ଦେଶ କ୍ରମେ କୌଣସି ଶିଶୁକେନ୍ଦ୍ରରେ ଛୁଆର ରହିବା ବ୍ୟବସ୍ଥା କରାଯିବ ବୋଲି ଶିଶୁ ସୁରକ୍ଷା ଅଧିକାରୀ ଦାସ କହିଛନ୍ତି। ଉଦ୍ଧାରକାରୀ ମହିଳା ମେହେନ୍ଦି ଏତଲା ଦେବା ପାଇଁ ସଦରଥାନାରେ ପହଞ୍ଚିଥିଲେ ମଧ୍ୟ ଏହି ଘଟଣା ଜୟପୁର ଟାଉନଥାନାର ଅଞ୍ଚଳର ହୋଇଥିବା ଯୋଗୁଁ ତାଙ୍କୁ ସେଠାକୁ ଯିବା ପାଇଁ କୁହାଯାଇଥିଲା ।

# classified


real estate

### SALE

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/-ରେ ଘରବାରି, ଇଲେକ୍ଟ୍ରିସିଟି, ପାରେଚିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Schedule caste & General conversion plot sale IIT Argul Railway Station 4000 sqft. 8,00,000/-. 8249086912. D-65322

**Fully furnished commercial property/ office space for sale 2929 sqft. super buildup area plus 495 sqft. terrace at "Forum Mart", Big Bazar building 5th floor, Unit- III, Kharvel Nagar, Bhubaneswar, Odisha (near Ram Mandir Square). Price per sqft. Rs. 5,600/- negotiable. Contact point: 7008729138.** D-65327

ଭୁବନେଶ୍ୱରରୁ ପିପିଲି ମଧ୍ୟରେ ଗୁଡିଆପୋଖରୀ ନିକଟରେ NH-203 ଠାରୁ 300 mtr. ଦୂରତାରେ 1500 sqft. plot (5 nos.) available for immediate sale. 9437114429, 9438651443. D-65320

2000 sqft. plot (12 Nos.) at Sankarpur, Vipulgarden backside, Ghatikia, Bhubaneswar (electricity, supply water, 30' Road) 7381564227. D-65438

ଭୁବନେଶ୍ୱର Patia Big Bazarରୁ 3.5km. ବାସୋପଯୋଗୀ plot 1200 sqft. 4,80,000/-ରେ ମିଳୁଛି। Immediate registration & possession. 9937032327, 9583328312. D-65326

### GENERAL

### SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-65329

to-let

First and second floor each 1430 sqft. near Uttara Square, Bhubaneswar on National Highway for restaurant, office. Contact: 7978097047. D-52884

astrology

ପଣ୍ଡିତ ଶ୍ରୀ ରାଜକିଶୋର ଷଡ଼ଙ୍ଗୀ ଲାଳାବତୀପୁତ୍ର, ପ୍ରତ୍ୟଙ୍ଗୀରାତନ୍ତ୍ର ବିଭିନ୍ନ ସମସ୍ୟାର ପ୍ରତିକାର। 9937924141, 9437405379. D-60934

### LOST

I Basudev Swain, S/o- Bhujendra Kumar Swain declare in Dharitri Newspaper that my B.Tech (BPUT) Certificate, Regd. No.- 0601221230 and SL No.- ALHB06008639 has lost. Anybody found contact: 8908756767. D-10464

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨ ଦିନିଆ ଧର୍ମଘଟ ଶେଷ: ମିଶ୍ରିତ ପ୍ରଭାବ






ଧର୍ମଘଟ ଯୋଗୁ ବୁଧବାର ଯାନବାହନ ଚଳାଚଳ ବନ୍ଦ ରହିଥିବା ବେଳେ ପିଲାମାନେ ଭୁବନେଶ୍ୱର ରାସ୍ତାରେ ଖେଳୁଛନ୍ତି। ଏକ ଅଟୋରିକ୍ସାକୁ ବଳପୂର୍ବକ ଅଟକା ଯାଉଛି।

ଭୁବନେଶ୍ୱର, ୯।୧(ବ୍ୟୁରୋ)

କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ ବିରୋଧ କରିବା ସହ ୧୧ ଦଫା ଦାବି ନେଇ ୧୦ରୁ ଊର୍ଦ୍ଧ୍ୱ ଟ୍ରେଡ୍ ୟୁନିୟନ ପକ୍ଷରୁ ଦେଶବ୍ୟାପୀ ୨ ଦିନିଆ ଧର୍ମଘଟ ଡାକରା ଦିଆଯାଇଥିଲା। ବୁଧବାର ଏହି ଧର୍ମଘଟ ଶେଷ ହୋଇଛି। ଧର୍ମଘଟ ଯୋଗୁ ରାଜ୍ୟରେ ଜନଜୀବନ ପ୍ରଭାବିତ ହୋଇଛି। ମଙ୍ଗଳବାର ବନ୍ଦ ପ୍ରଭାବ ଜୋରଦାର ଦେଖିବାକୁ ମିଳିଥିବା ବେଳେ ବୁଧବାର ଏହାର ପ୍ରଭାବ ଆଂଶିକ ଅନୁଭୂତ ହୋଇଛି। ବସ ଓ ଭାରିଯାନ ଚଳାଚଳ ବନ୍ଦ ରହିଥିଲେ ମଧ୍ୟ ଦୁଇଚକିଆ, ଟାକ୍ସି, ଅଟୋ ଆଦି ସ୍ୱାଭାବିକ ଭାବେ ଚଳାଚଳ କରିଥିଲା। ଦୋକାନ ବଜାର, ଶିକ୍ଷାନୁଷ୍ଠାନ, ପେଟ୍ରୋଲ ପମ୍ପ ବନ୍ଦ ରହିଥିଲା। ମୁଖ୍ୟ ରାସ୍ତାକଡରେ ଥିବା କେତେକ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଅନ୍ୟାନ୍ୟ ସ୍ଥାନରେ ଖୋଲା ରହିଥିଲା। କୌଣସି ସ୍ଥାନରେ ହିଂସାକାଣ୍ଡ ହୋଇ ନ ଥିବା ଜଣାପଡିଛି। ବିଭିନ୍ନ ଟ୍ରେଡ ୟୁନିୟନ ସଂଗଠନର କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ, କେନ୍ଦ୍ରୀୟ ଉଦ୍ୟୋଗ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ, ରେଳଷ୍ଟେଶନ ଏବଂ ଜାତୀୟ ରାଜପଥ ଉପରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତିକୁ କଡା ସମାଲୋଚନା କରିଛନ୍ତି। ଟ୍ରେଡ ୟୁନିୟନ ଏବଂ ବାମପନ୍ଥୀ ଦଳଗୁଡିକର କର୍ମକର୍ତ୍ତାମାନେ ରାଜଧାନୀର ବିଭିନ୍ନ ସ୍ଥାନରେ ପିକେଟିଂ କରୁଥିବା ଦେଖାଯାଇଥିଲା। ଧର୍ମଘଟ ଯୋଗୁ ରେଳଷ୍ଟେଶନରେ ଦୀର୍ଘ ସମୟ ଧରି ଟ୍ରେନଗୁଡିକ ଅଟକି ରହିଥିଲା। ପୁରୀ-ହାୱଡା ଶତାବ୍ଦୀ ଏକ୍ସପ୍ରେସ, ପୁରୀ-କଟକ-ପୁରୀ ପାସେଞ୍ଜର, କଟକ-ବ୍ରହ୍ମପୁର-କଟକ ପାସେଞ୍ଜର ଟ୍ରେନକୁ ବାତିଲ କରାଯାଇଥିବା ବେଳେ ଅନେକ ଟ୍ରେନ ଗତିପଥ ବଦଳାଯାଇଥିଲା। କେତେକ ଟ୍ରେନ ଷ୍ଟେଶନରେ ଦୀର୍ଘ ସମୟ ଧରି ଅଟକି ରହିଥିଲା। ବସ୍ ଓ ଟ୍ରେନ ଚଳାଚଳ କରୁ ନ ଥିବାରୁ ଦୂର ଦୁରାନ୍ତକୁ ଯିବା ପାଇଁ ଅପେକ୍ଷା କରିଥିବା ଯାତ୍ରୀମାନେ ହୀନସ୍ତା ହୋଇଥିଲେ। ବସଷ୍ଟାଣ୍ଡ ଓ ରେଳ ଷ୍ଟେଶନରେ ଶହଶହ ଯାତ୍ରୀ ଦୀର୍ଘ ସମୟ ଧରି ଗନ୍ତବ୍ୟ ସ୍ଥଳକୁ ଯିବା ପାଇଁ ଅପେକ୍ଷା କରି ରହିଥିବା ଦେଖାଯାଇଥିଲା। ସିଟୁର ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ରାଉତରାୟ କହିଛନ୍ତି, ଦୁଇଦିନ ଧରି ଦିଆଯାଇଥିବା ଧର୍ମଘଟ ସଫଳ ହୋଇଛି। ମୋଦି ସରକାରଙ୍କ ଶ୍ରମିକ ବିରୋଧୀ କାର୍ଯ୍ୟକ୍ରମ ବିରୋଧରେ ଜନ ଆକ୍ରୋଶ ସୃଷ୍ଟି ହୋଇଛି।

ସଚିବାଳୟ କର୍ମଚାରୀମାନେ ଧର୍ମଘଟକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ୯ଟା ୩୦ ପୂର୍ବରୁ କାର୍ଯ୍ୟାଳୟକୁ ଆସିଥିଲେ। ରାଜଧାନୀରେ ସିପିଆଇ, ସିପିଆଇ(ଏମ), ଆଇଏନ୍‌ଟିୟୁସି, ଏଆଇଟିୟୁସି, ଏଚଏମ୍ଏସ, ସିଆଇଟିୟୁ, ଏଆଇସିସିଟିୟୁ, ୟୁଟିୟୁସି, ଏଲ୍‌ପିଏଫ ଆଦି ସଂଗଠନଗୁଡିକର ରାଜ୍ୟ ଶାଖାଗୁଡିକ ଧର୍ମଘଟରେ ସାମିଲ ହୋଇଥିଲେ।

ପ୍ରଥମ ପୃଷ୍ଠାରୁ...

## ୮.୨୪ ଲକ୍ଷ କୋଟି...

ବାତ୍ୟା ଆଶ୍ରୟ ସ୍ଥଳୀର ଭିତ୍ତିଭୂମି, ଓଡ୍ରାଫ, ତୀର୍ଥସ୍ଥଳୀଗୁଡିକର ଭିତ୍ତିଭୂମି, ବିକାଶ ପାଇଁ ୮୭,୫୨୦ କୋଟି, କ୍ୟାପିଟାଲ ଆସେଟ ରକ୍ଷଣା ବେକ୍ଷଣ ପାଇଁ ୭୮,୭୦୦ କୋଟିର ଅନୁଦାନ ଦେବାକୁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି। ଖଣିଜ ସମ୍ପଦ ଭରା ରାଜ୍ୟ ପାଇଁ ସ୍ୱତନ୍ତ୍ର ଅନୁଦାନ, ଅନୁସୂଚୀତ ଅଞ୍ଚଳବିକାଶ ପାଇଁ ସହାୟତା, ଦ୍ରବ୍ୟ ଓ ସେବା ଟିକସ( ଜିଏସଟି) କ୍ଷତିପୂରଣ ରାଶି ୨୦୨୨ ଅଗଷ୍ଟରୁ ଆସନ୍ତା ୧୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର କମିଶନଙ୍କ ନିକଟରେ ଦାବି କରିଛନ୍ତି। କ୍ଲିନ ଏନଭାଇରନମେଣ୍ଟ ସେସ୍‌କୁ ଜିଏସଟି ପରିସରରୁ ଅଲଗା କରି କୋଇଲା ଉତ୍ପାଦନ ରାଜ୍ୟ ଭାବେ ସ୍ୱତନ୍ତ୍ର ଅନୁଦାନ ଦେବା ଏବଂ ଏଥିସହିତ ୨୦୧୧ ଜନଗଣନା ପରିବର୍ତ୍ତେ ୧୯୭୧ ଜନସଂଖ୍ୟାକୁ ମାନଦଣ୍ଡ ଆକାରରେ ଧରି ମାପଦଣ୍ଡ ପ୍ରସ୍ତୁତ କରିବାକୁ ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି।

ବୁଧବାର ଦ୍ୱିତୀୟ ଦିବସରେ କମିଶନ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପଞ୍ଚଦଶ ଅର୍ଥ କମିଶନ ଅଧ୍ୟକ୍ଷ ନନ୍ଦ କିଶୋର ସିଂହ କହିଛନ୍ତି ଯେ, ଚାଷୀଙ୍କୁ ଋଣ ଛାଡ଼ କରିବା ରାଜ୍ୟ ସରକାରଙ୍କ ବ୍ୟାପାର। ସେଥିରେ ଅର୍ଥ କମିଶନଙ୍କର କୌଣସି ମତଦେବାର ନାହିଁ। କୃଷି ଋଣ ଛାଡ଼ ହେଲେ ଆଗାମୀ ୫ ବର୍ଷ ପାଇଁ ଜାତୀୟ ଅଭିବୃଦ୍ଧି ହାର ୧୦% ହାସଲ ଦିଗରେ ପ୍ରତିବନ୍ଧକ ହେବ ବୋଲି କମିଶନ ଚେତାଇ ଦେଇଛନ୍ତି। ତେବେ ଗରିବ ଚାଷୀମାନଙ୍କୁ ଋଣଭାରରୁ ରକ୍ଷା କରିବାକୁ ରାଜ୍ୟ ସରକାର ଆରମ୍ଭ କରିଥିବା କାଳିଆ ଯୋଜନା ଉଦ୍ଦେଶ୍ୟ ମହତ। ତେବେ ଏହି ଯୋଜନାର ହିତାଧୀକାର ଚୟନରେ ସ୍ୱଚ୍ଛତା ରହିବା ଦରକାର। ଏହା ହେଲେ କ୍ଷୁଦ୍ର, ନାମମାତ୍ର ଓ ଭାଗ ଚାଷୀ ଫାଇଦା ପାଇ ପାରିବେ । ଏଭଳି ଢଙ୍ଗରେ କମିଶନ ରାଜ୍ୟ ସରକାରଙ୍କୁ ପ୍ରଶଂସା ଓ ପରୋକ୍ଷରେ ସତର୍କ ମଧ୍ୟ କରାଇଛନ୍ତି। ଅଧ୍ୟକ୍ଷ ସିଂ କହିଛନ୍ତି ଯେ, ଓଡିଶା ସବୁଠାରୁ ବିକଶିତ ରାଜ୍ୟ ହେବା ନେଇ ପର୍ଯ୍ୟାପ୍ତ ସମ୍ଭାବନା ରହିଛି। ଏଠାରେ ରାଜନୈତିକ ସ୍ଥିରତା ରହିଥିବାରୁ ବିକାଶ କ୍ଷେତ୍ରରେ ଏହା ଯଥେଷ୍ଟ ସହାୟକ ହେବ। ରାଜ୍ୟର ସାମଗ୍ରିକ ଅଭିବୃଦ୍ଧି ହାର ସନ୍ତୋଷଜନକ ଥିଲେ ମଧ୍ୟ ଗତ ୨ ବର୍ଷ ହେବ ଜାତୀୟ ହାର ତୁଳନାରେ କମ୍ ରହିଛି। ଆର୍ଥିକ ବିକାଶ ହାରରେ ସ୍ଥିରତା ରହୁ ନାହିଁ। ଫଳରେ ରାଜ୍ୟରେ ମୁଣ୍ଡପିଛା ଆୟ କମ ରହିଛି। ଲଗାତର ପ୍ରାକୃତିକ ବିପର୍ଯ୍ୟୟ ଏହାର ମୁଖ୍ୟ କାରଣ ହୋଇପାରେ ବୋଲି ସିଂ କହିଛନ୍ତି। ଋଣ ହାର ଧାର୍ଯ୍ୟ ଲକ୍ଷ୍ୟଠାରୁ ଉପରକୁ ଯାଇ ନ ଥିବାରୁ କମିଶନ ସନ୍ତୋଷ ପ୍ରକାଶ କରିଥିଲେ। ରାଜ୍ୟ ସରକାର ଦାରିଦ୍ର୍ୟ ଦୂର କରିବାରେ ସଫଳ ପଦକ୍ଷେପ ନେଇଛନ୍ତି। ତେବେ ଏ ଦିଗରେ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ରାଜ୍ୟରେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକର ଅବସ୍ଥା ଭଲ ନାହିଁ। ପ୍ରତି ୧୦ ହଜାର ଜନସଂଖ୍ୟା ପାଇଁ ଜଣେ ଡାକ୍ତର ନିଯୁକ୍ତି ହୋଇଛନ୍ତି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପାରାମେଡିକାଲ କର୍ମଚାରୀମାନଙ୍କର ସଂଖ୍ୟା ବଢାଇବା ଦରକାର। ଉଚ୍ଚଶିକ୍ଷା କ୍ଷେତ୍ରରେ ରାଜ୍ୟରେ ପ୍ରଗତୀ ହୋଇଛି, ତେବେ ଏ ଦିଗରେ ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। କୃଷି କ୍ଷେତ୍ରରେ ଆଖିଦୃଶିଆ ପ୍ରଗତି ହୋଇ ନ ଥିବାରୁ କମିଶନ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ଦିଗରେ ରାଜ୍ୟ ସରକାର ଆହୁରି ଅନେକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

କେନ୍ଦ୍ର ବଜେଟ ପ୍ରସ୍ତୁତ ହେବା ପୂର୍ବରୁ ଓଡିଶା ଗସ୍ତରେ ଆସିଥିବା ପଞ୍ଚଦଶ ଅର୍ଥ କମିଶନ ଦୁଇଦିନ ଧରି ରାଜ୍ୟର ଆର୍ଥିକ ସ୍ଥିତି, ବିକାଶ ଓ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ନେଇ ପଞ୍ଚାୟତିରାଜ ସଂସ୍ଥା, ପୌରସଂସ୍ଥା, ଶିଳ୍ପ ଓ ବାଣିଜ୍ୟ ସଂଗଠନର ପ୍ରତିନିଧି, ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନଙ୍କ ସହ ମାରାଥନ ଆଲୋଚନା କରିଛନ୍ତି। ସିଂହ କହିଥିଲେ ଯେ ଦୁଇଦିନ ଧରି ବିଭିନ୍ନ ସଂଗଠନ ଓ ରାଜନୈତିକ ଦଳଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି। ଓଡିଶାରେ ପ୍ରଚୁର ଖଣିଜ ସମ୍ପଦ ରହିଛି। ୧୬ଟି ରାଜ୍ୟ ଗସ୍ତ କରିବା ପରେ ଓଡିଶାରେ ପହଞ୍ଚିଛୁ। ଚଳିତବର୍ଷ ଶେଷ ଆଡକୁ କମିଶନ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବେ। ୨୦୨୦ରୁ ୨୦୨୫ ପାଇଁ ଯୋଜନା ପ୍ରସ୍ତୁତ ହେବ।

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡିଶା ଉତ୍ତମ ପ୍ରଦର୍ଶନ କରି ପାରିଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି(ଏସ୍‌ଡିଆରଏଫ୍) ବୃଦ୍ଧି କରିବାକୁ ରାଜ୍ୟ ସରକାର ଦାବି କରିଥିବା ଏନ.କେ.ସିଂ କହିଛନ୍ତି। ଆନ୍ଧ୍ର, ବିହାର, ଓଡିଶା ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି କରୁଛନ୍ତି। ଓଡିଶା ଆର୍ଥିକ ସ୍ୱାଧିନତା ଦାବି କରୁଛି। ତାହା କମିଶନଙ୍କ ପରିସର ଭୁକ୍ତ ନୁହେଁ ବୋଲି କମିଶନ କହିଛନ୍ତି।

## ରଞ୍ଜିତ କୁମାର...

ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୫କୁ ଧାର୍ଯ୍ୟ ହୋଇଛି। ଶ୍ରୀମନ୍ଦିରରେ ଭକ୍ତମାନେ ସେବକଙ୍କ ଦ୍ୱାରା ନାନା ହଇରାଣ ଓ ଶୋଷଣର ଶିକାର ହେଉଛନ୍ତି। ଏଣୁ ଶ୍ରୀମନ୍ଦିର ପରିଚାଳନାରେ ସଂସ୍କାର ଆଣିବା ଲାଗି ଆଇନଜୀବୀ ମୃଣାଳିନୀ ପାଢୀ ଗତ ଜୁନ୍ ୭ରେ ସୁପ୍ରିମ୍‌କୋର୍ଟରେ ଏକ ଆବେଦନ କରିଥିଲେ। ଜୁନ୍ ୮ରେ ୨ଜଣିଆ ଖଣ୍ଡପୀଠ ଏହାର ଶୁଣାଣି କରି ଦାନ, ଦକ୍ଷିଣା ଆଦାୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଏହି ମାମଲାରେ କୋର୍ଟଙ୍କୁ ସହଯୋଗ କରିବା ପାଇଁ ସୁବ୍ରମଣ୍ୟମ୍‌ଙ୍କୁ ଆମିକସ୍ କ୍ୟୁରି ଭାବେ ନିଯୁକ୍ତ କରିଥିଲେ। ଏହାପରେ ସୁବ୍ରମଣ୍ୟମ୍ ପୁରୀ ଆସି ସେପ୍ଟେମ୍ବର ୨୧ ଓ ୨୨ ତାରିଖରେ ସ୍ଥିତି ଅନୁଧ୍ୟାନ କରିବା ସହ ଶଙ୍କରାଚାର୍ଯ୍ୟ, ଗଜପତି, ଶ୍ରୀମନ୍ଦିର ପ୍ରଶାସନ ସମେତ ବିଭିନ୍ନ ପକ୍ଷଙ୍କ ମତ ସଂଗ୍ରହ କରିଥିଲେ। କିନ୍ତୁ ନଭେମ୍ବର ୩୦ରେ ହେବାକୁ ଥିବା ମାମଲାର ଶୁଣାଣି ପୂର୍ବରୁ ସେ ବ୍ୟକ୍ତିଗତ କାରଣ ଦର୍ଶାଇ ଦାୟିତ୍ୱରୁ ଓହରିଯାଇଥିଲେ। ତେବେ ସୁବ୍ରମଣ୍ୟମଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଅଣାଯିବାରୁ ସେ ଓହରିଗଲେ ବୋଲି ଓଡିଶା ସରକାରଙ୍କ ପକ୍ଷରୁ ଉପସ୍ଥିତ ଓକିଲ ଶିବାଶିଷ ମିଶ୍ର ଅଦାଲତଙ୍କୁ ଜଣାଇଥିଲେ। ସୂଚନାଥାଉ କି ପୂର୍ବରୁ ଆଇନଜୀବୀ ଦେବାଶିଷ ମିଶ୍ର ଅନିୟମିତତା ଅଭିଯୋଗ ଆଣି ସୁବ୍ରମଣ୍ୟମ୍, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ହେଲେ ଖଣ୍ଡପୀଠ ଗତ ଡିସେମ୍ବର ୧୧ରେ ଏହାକୁ ଖାରଜ କରିଦେଇଥିଲେ ବୋଲି ଶ୍ରୀମନ୍ଦିର ପକ୍ଷରୁ ମାମଲା ପରିଚାଳନା କରୁଥିବା ଓକିଲ ଶ୍ୱେତକେତୁ ମିଶ୍ର କହିଥିଲେ।

## ସମ୍ବିଧାନ ସଂଶୋଧନ ବିଲ୍...

ସେ ଦାବି କରିଥିଲେ। ଅନ୍ୟପକ୍ଷରେ ସମ୍ବିଧାନ ସଂଶୋଧନ ବିଲ୍‌କୁ ବିଜୁ ଜନତା ଦଳ (ବିଜେଡି) ସମର୍ଥନ ଜଣାଇଛି। ରାଜ୍ୟ ସଭାରେ ବିଜେଡି ସଂସଦୀୟ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ବିଲ୍ ଉପରେ ପ୍ରଶ୍ନ ଉଠାଇବାର କିଛି ନାହିଁ। ତାଙ୍କ ଦଳ ବିଧେୟକକୁ ସମର୍ଥନ କରୁଛି। ତେବେ ଏହି ବିଲ୍ ପଛରେ ସରକାରଙ୍କ ଉଦ୍ଦେଶ୍ୟକୁ ନେଇ ସେ ପ୍ରଶ୍ନ ଉଠାଇଥିଲେ। କାହା ସହିତ ପରାମର୍ଶ ନ କରି ଏମିତି ତରବରିଆ ଭାବେ ବିଲ୍ ଆଣିବାର କ'ଣ ଆବଶ୍ୟକ ଥିଲା ବୋଲି ସେ କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ। ଭାଜପା ନେତୃତ୍ୱାଧୀନ ସରକାର ରୋଗାକ୍ରାନ୍ତ ଥିବାରୁ କୋଟା ବିଲ୍‌କୁ ଅମ୍ଳଜାନ ଭାବେ ବ୍ୟବହାର କରୁଥିବା ସେ ସମାଲୋଚନା କରିଥିଲେ।

ମଣ୍ଡଳ କମିଶନ କଥା ମନେପକାଇ ଆଚାର୍ଯ୍ୟ କହିଥିଲେ, ସେତେବେଳେ ଭୁବନେଶ୍ୱରରେ ବ୍ୟାପକ ହିଂସାକାଣ୍ଡ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ବିନା ସୁରକ୍ଷାରେ ଛାତ୍ରମାନଙ୍କ ପାଖକୁ ଯାଇ ଗରିବର କୌଣସି ଜାତି ନାହିଁ ବୋଲି କହିଥିଲେ। ବିଜୁବାବୁଙ୍କ ଉଦ୍‌ବୋଧନ ପରେ ଛାତ୍ରମାନେ ଶାନ୍ତ ପଡିଥିଲେ। ଏବେ ୯୮ ପ୍ରତିଶତ ଲୋକ ସଂରକ୍ଷଣ ବାହାରେ ରହିଥିଲାବେଳେ ସେମାନଙ୍କ ଲାଗି ୧୦ ପ୍ରତିଶତ ସଂରକ୍ଷଣ କେତେଦୂର ସମ୍ଭବ ହେବ ବୋଲି ସେ ପ୍ରଶ୍ନ ଉଠାଇଥିଲେ। ଏହି ବିଲ୍‌କୁ ନେଇ ବ୍ୟବସ୍ଥାପକ ଏବଂ ନ୍ୟାୟପାଳିକା ମଧ୍ୟରେ ବିବାଦ ହୋଇପାରେ ବୋଲି ସେ ଚେତାଇ ଦେଇଥିଲେ। ବିଲ୍ ଗୃହୀତ ହେବା ପରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ ଜଣାଇବା ସହ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ଘୋଷଣା କରିଥିଲେ।

## ଓଡ଼ିଶାରେ ହେବ ...

୮୦ତମ ସିନିୟର ଆନ୍ତଃ ରାଜ୍ୟ ତଥା ଜାତୀୟ ଟେବୁଲ ଟେନିସ ଚାମ୍ପିୟନଶିପ୍ ସଫଳ ଭାବେ ଆୟୋଜିତ ହେବା ଯୋଗୁଁ ଏହି ସୁଯୋଗ ଏବେ ଓଡ଼ିଶା ଟେବୁଲ ଟେନିସ ଆସୋସିଏଶନକୁ ମିଳିଛି। କଟକ କିମ୍ବା ଭୁବନେଶ୍ୱରରେ ଏହି ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ କରାଯିବ ବୋଲି ରାଜ୍ୟ ସଂଘ ପକ୍ଷରୁ ସୂଚନା ଦିଆଯାଇଛି । ଉଦ୍‌ଯାପନୀ ଉତ୍ସବରେ ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏମ.ପି. ସିଂ ଯୋଗ ଦେଇ ଓଡ଼ିଶାରେ ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ହେବାର ସବୁଜ ସଙ୍କେତ ଦେଇଛନ୍ତି । ତେବେ ଏଯାଏ ଭେନ୍ୟୁ ଚୂଡ଼ାନ୍ତ ହୋଇନାହିଁ । ବିଶ୍ୱସ୍ତରୀୟ ଟୁର୍ନାମେଣ୍ଟ ଆୟୋଜନ କରିବାକୁ ହେଲେ ଖେଳାଳିଙ୍କ ରହଣି ନିମନ୍ତେ ପଞ୍ଚତାରକା ହୋଟେଲର ଆବଶ୍ୟକତା ରହିଛି । ଯାହା କଟକରେ ଉପଲବ୍ଧ ନାହିଁ। ଅନ୍ୟପପକ୍ଷରେ ଭୁବନେଶ୍ୱରରେ ପଞ୍ଚତାରକା ହୋଟେଲ ଥିବା ବେଳେ ବିଶ୍ୱ ସ୍ତରୀୟ ଟିଟି ଟୁର୍ନାମେଣ୍ଟ ନିମନ୍ତେ ଉପଯୁକ୍ତ ଭିତ୍ତିଭୂମିର ଅଭାବ ରହିଛି । ଏଣୁ ଖେଳାଳିମାନେ ଭୁବନେଶ୍ୱରରେ ରହିବା ସହ କଟକରେ ଟୁର୍ନାମେଣ୍ଟ ହେବାର ଆଶା ରହିଛି ବୋଲି ରାଜ୍ୟ ଟିଟି ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା କହିଛନ୍ତି । ଖୁବ୍‌ଶୀଘ୍ର ଜାତୀୟ ସଂଘର ଏକ ଟିମ ଟୁର୍ନାମେଣ୍ଟ ଆୟୋଜନ କରିବା ନିମନ୍ତେ ଅନୁଧ୍ୟାନରେ ଆସିବ ବୋଲି ସେ କହିଥିଲେ ।

## ୩୧ରୁ ବଜେଟ...

କରାଯିବ। ଏହା ପରେ ଉକ୍ତ କମିଟି ବଜେଟ୍ ଅଧିବେଶନର ତାରିଖ ଚୂଡ଼ାନ୍ତ କରିବ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୩୧ରେ ପାର୍ଲାମେଣ୍ଟର ଉଭୟ ଗୃହକୁ ସମ୍ବୋଧିତ କରିବେ ଏବଂ ଏହି ଦିନ ଅର୍ଥନୈତିକ ସର୍ଭେ ରିପୋର୍ଟ ଆଗତ କରାଯିବ। ବଜେଟ ଅଧିବେଶନ ସାଧାରଣତଃ ଦୁଇଟି ପର୍ଯ୍ୟାୟରେ ବସିଥାଏ। ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ଏଥର ଏହା ଗୋଟିଏ ପର୍ଯ୍ୟାୟରେ ହୋଇପାରେ। ଏହା ହେବ ଷୋଡ଼ଶ ଲୋକ ସଭାର ଶେଷ ଅଧିବେଶନ।

## ମନେ ପଡ଼ନ୍ତି


### ଶ୍ରଦ୍ଧାଞ୍ଜଳି
### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତ ଗଙ୍ଗାଧର ମହାନ୍ତି**
ମାର୍କଣ୍ଡେଶ୍ୱର ସାହି, ପୁରୀ ଟାଉନ୍
ଆବିର୍ଭାବ: ୧୪।୦୭।୧୯୪୩
ତିରୋଧାନ: ୩୧।୧୨।୨୦୧୮
ଅନନ୍ତକୋଟି ବ୍ରହ୍ମାଣ୍ଡନାୟକ ନୀଳାଚଳଧାମର ମଉଡମଣି ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ଶାନ୍ତି ଏବଂ ସଦ୍‌ଗତି ପ୍ରଦାନ କରନ୍ତୁ ଏତିକି ମାତ୍ର ଗୁହାରି। ଶୋକସନ୍ତପ୍ତ ବନ୍ଧୁ ଏବଂ ପରିବାରବର୍ଗ, ପୁରୀ। ଧ-୬୪୦୩୪

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶତପଥୀ**
ଅବସରପ୍ରାପ୍ତ ଜିଲ୍ଲା ସ୍କୁଲ ପ୍ରଧାନ ଶିକ୍ଷକ, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ: ୦୩।୦୧।୧୯୨୮
ତିରୋଧାନ: ୩୦।୧୨।୨୦୧୮
ବାପା, ଆଜି ତୁମ ଦ୍ୱାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ। ତୁମ ଆଶୀର୍ବାଦ ଆମର ପାଥେୟ ହେଉ, ତୁମର ଦୃଢ ମନୋବଳ, ଶୃଙ୍ଖଳିତ ଜୀବନ ଆମ ପାଇଁ ପ୍ରେରଣାଦାୟକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣରେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତିନାତୁଣୀ, ପରିବାର, ବନ୍ଧୁବର୍ଗ ଓ ଆତ୍ମୀୟସ୍ୱଜନ। ଧ-୬୨୦୬୩


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ଚନ୍ଦ୍ର ଏକାଦଶ ସ୍ଥାନରେ ରହିଥିବାରୁ କାର୍ଯ୍ୟସିଦ୍ଧି ହେବା ସହ ଆର୍ଥିକ ଉନ୍ନତିରୁ ଖୁସୀ ହେବେ। ନିକଟ ସମ୍ପର୍କୀୟଙ୍କ ସହଯୋଗରେ ଆନୁଷ୍ଠାନିକ କାମ ସମ୍ପନ୍ନ ହୋଇପାରିବ। ଶିଳ୍ପ, ବ୍ୟବସାୟରେ ଟେନସନ୍ ଲାଗି ରହିବ, କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ପାଇବେ। ବନ୍ଧୁମିଳନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ**
ତୃତୀୟାଧିପ ଚନ୍ଦ୍ର କର୍ମଭାବରେ ରହି ସାହାଯ୍ୟ, ସହଯୋଗ ମାଧ୍ୟମରେ ଲକ୍ଷ୍ୟ ପୂରଣରେ ସମର୍ଥ ହେବେ। ଆଜିର ଯାତ୍ରା କାଳରେ ପ୍ରତିଦ୍ୱନ୍ଦ୍ୱିତାରେ କିମ୍ବା ସଭାସମିତିରେ ଆପଣଙ୍କ ଅପବ୍ୟୟର ସୀମା ଟପିଯାଇପାରେ। ପରିବହନ,ଆଲୋଚନା, ବ୍ୟବସାୟ,ବାଣିଜ୍ୟରେ କିଛି ଅସୁବିଧା ନ ଥିଲେ ମଧ୍ୟ ବେପାର ସନ୍ତୋଷଜନକ ହେବନାହିଁ ।

**ମିଥୁନ**
ବନ୍ଧୁଙ୍କ ଆଲୋଚନା ସମୟରେ ଅନାବଶ୍ୟକ କଥା ପରିହାର କରିବା ଭଲ । ନଚେତ୍ ଅଯଥା କଳହ ସାଙ୍ଗକୁ ଅସାବଧାନତାରେ ଧନହାନିର ସୂଚନାକୁ ହେୟ ମନେକରିବା ଠିକ୍ ହେବନି। ମାଲିମକଦ୍ଦମା, ଘରୋଇ ଆଲୋଚନାରେ ଅଯଥା ଟେନ୍ସନ ସୃଷ୍ଟି ହୋଇପାରେ। ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ।

**କର୍କଟ**
ଶନିକ୍ଷେତ୍ରସ୍ଥ ଚନ୍ଦ୍ରପ୍ରଭାବରେ ଥଣ୍ଡା, କାଶ, ଶ୍ୱାସରେ ପୀଡିତ ହୋଇପାରନ୍ତି । କୌଣସି ବନ୍ଧୁ କିମ୍ବା ନିଜ ପରିସରର ବ୍ୟକ୍ତିମାନେ ଆପଣଙ୍କ ସହଯୋଗ ଆଶା କରିବେ। ଜମିଜମା ସମ୍ପର୍କୀୟ କଥା, ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଓଲଟପାଲଟ ହୋଇଯିବ। କର୍ମକ୍ଷେତ୍ରରେ କୌଣସି ଈର୍ଷାପରାୟଣ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି।

**ସିଂହ**
ଆଜିର ଆଲୋଚନା ଓ ନିଷ୍ପତ୍ତି କାର୍ଯ୍ୟକାରୀ ହେବା କଷ୍ଟକର ହେବ। ଶାରୀରିକ ସୁସ୍ଥତାରେ ସାମାନ୍ୟ ଉନ୍ନତି ପରିଲକ୍ଷିତ ହୋଇପାରେ। ଅଭାବ ଓ କେତେକ ପାରିବାରିକ ଅସୁବିଧା କର୍ମକ୍ଷେତ୍ରକୁ ବିଳମ୍ବିତ କରିପାରେ। ପୂର୍ବାଫାଲଗୁନୀ ନକ୍ଷତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଏବଂ ପ୍ରତିବେଶୀଙ୍କ ସହ ସଂପର୍କ ମଧୁର ରହିବ।

**କନ୍ୟା**
ଆଜିର ଗ୍ରହସ୍ଥିତି ପ୍ରତ୍ୟେକ ଦୃଷ୍ଟିରୁ ଭଲ ରହିଥିବାରୁ ଯାହା କରିବେ ସେଥିରେ ନିଶ୍ଚିତ ସଫଳତା ପାଇବେ। କିନ୍ତୁ ଅର୍ଥ ସମ୍ପର୍କିତ କିମ୍ବା ଦ୍ରବ୍ୟପ୍ରାପ୍ତି ଚନ୍ଦ୍ରଙ୍କ ସ୍ଥିତିରୁ ହୋଇ ନ ପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ନିଜ କାମ ଛାଡି ବିଳାସବ୍ୟସନ, ଅନ୍ୟର କାମରେ ବୁଡ଼ି ରହିପାରନ୍ତି। ପରିବାର ଭିତରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ।

**ତୁଳା**
କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ମଧ୍ୟରେ ଆଶା ଅପୂରଣ ରହିବାର ସୂଚନା ରହିଛି। ଅବଶ୍ୟ କର୍ମାଧିପ ନିଜ ରାଶିରୁ ଅଷ୍ଟମସ୍ଥ ହେତୁ ଅପରାହ୍ନରେ କିଛିଟା ଶୁଭ ସଂକେତ ପାଇବେ। ସମସ୍ୟାର ସମାଧାନ ଦିଗରେ ବିଜାତୀୟ ବ୍ୟକ୍ତିମାନଙ୍କ ସାହାଯ୍ୟ ଲାଭ କରିପାରନ୍ତି। ସାମାନ୍ୟ ଥଣ୍ଡାଜନିତ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିପାରିବ।

**ବିଛା**
ଧନ ସ୍ଥାନରେ ପାପଗ୍ରହ ଓ ଚନ୍ଦ୍ର ଶନିକ୍ଷେତ୍ରସ୍ଥ ଯୋଗୁ ଭାବପ୍ରବଣତାବଶତଃ ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି। ଆପଣଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତା କାରଣରୁ ସମ୍ମୁଖରେ ନ ହେଲେ ମଧ୍ୟ ପଛରେ ଶତ୍ରୁମାନେ ମଧ୍ୟ ପ୍ରଶଂସା କରିବେ। ଅନୁରାଧା ନକ୍ଷତ୍ର ସାମାଜିକ ସ୍ତରରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ଧନୁ**
ରାଶିର ଦ୍ୱାଦଶରେ ଗୁରୁ ଓ ଶୁକ୍ର ଧର୍ମକାର୍ଯ୍ୟ, ନୂତନ ପ୍ରକଳ୍ପ, ଆନୁଷ୍ଠାନିକ କାମରେ ବ୍ୟୟବରାଦ କରାଇପାରେ। କୌଣସି ଶୁଭଖବର ମନକୁ ଉତ୍ସାହିତ କରାଇ ଦିନଟିକୁ ଖୁସିରେ ଅତିବାହିତ କରାଇବ। ସ୍ୱାସ୍ଥ୍ୟ, ପରିବାର, ବନ୍ଧୁସମ୍ପର୍କ କ୍ଷେତ୍ରରେ ଶୁଭଫଳ ପାଇବା କଷ୍ଟକର ହୋଇପାରେ। ବାଣିଜ୍ୟ,ବ୍ୟବସାୟ, ପରିବହନ, ନିର୍ମାଣ, ଶିଳ୍ପ,ବାଣିଜ୍ୟରେ ଲାଭାଂଶ ବଢ଼ିପାରେ।

**ମକର**
ମନଭିତରେ ଯାହା ଥାଉନା କାହିଁକି ଆପଣ କଥାରେ ଅନ୍ୟମାନଙ୍କୁ ସହଜରେ ଆପଣାର କରିପାରିବେ। ଫଳତଃ କେତେକ କ୍ଷେତ୍ରରେ ଅଯାଚିତ ଭାବରେ ଅର୍ଥ, ସମ୍ମାନ ଓ ବନ୍ଧୁଙ୍କ ଅଭ୍ୟର୍ଥନା ମଧ୍ୟ ପାଇପାରନ୍ତି। କିନ୍ତୁ ସାମୟିକ ଭାବରେ ଦାୟିତ୍ୱପୂର୍ଣ୍ଣ କାମଟିକୁ ପାସୋରି ଦେଇପାରନ୍ତି। ତଥାପି ବ୍ୟବସାୟ, ଯାତ୍ରା ସମ୍ବନ୍ଧୀୟ କେତେକ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ ।

**କୁମ୍ଭ**
ମୁଖଭାଗସ୍ଥ ମଙ୍ଗଳ ପ୍ରଭାବରେ ଆପଣଙ୍କ ସାମ୍ନାରେ ଅନ୍ୟମାନେ କଥାବାର୍ତ୍ତା ହେବା ପାଇଁ ପଛେଇ ରହିପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମ ନିଶ୍ଚିତ ସମାପନ ହେବ। କଠିନ ପରିଶ୍ରମ ଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିବା ସହ ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିପାରନ୍ତି।

**ମୀନ**
ଆପଣଙ୍କ ମନରେ ଯେମିତି ପ୍ରଫୁଲ୍ଲତା ଭରି ରହିବ ଠିକ୍ ସେହିପରି କାମଗୁଡିକ ମଧ୍ୟ ସୁବିଧାରେ ସମ୍ପନ୍ନ ହୋଇଯିବ। କର୍ମକ୍ଷେତ୍ରରେ, ସଭାସମିତିରେ, ବାଣିଜ୍ୟ ବ୍ୟବସାୟରେ ଅଭିଳଷିତ ଫଳ ପାଇବାରେ କୌଣସି ଅସୁବିଧା ରହିବ ନାହିଁ। ତଥାପି ପୂର୍ବଭାଦ୍ରପଦ୍ ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାଜନିତ ବାକ୍‌ବିତଣ୍ଡାଜନିତ ଟେନସନ୍ ବଢିପାରେ।

ଆଜି ପୌଷ ଶୁକ୍ଳ ଚତୁର୍ଥୀ ଗୁରୁବାର, ଜାନୁୟାରୀ ୧୦ ତାରିଖ, ରାଶି ନକ୍ଷତ୍ର-ଶତଭିଷା/କୁମ୍ଭ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଶରଣଂ, ଦିବା ଘ୧୦।୩୨ମି. ଗତେ ଘ୧୧।୫୪ମି.ମଧ୍ୟେ, ଘ୧।୧୬ମି. ଗତେ ଘ୨।୩୮ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୪୮ମି. ମଧ୍ୟେ ଘ୧୧।୫୪ମି. ଗତେ ମାହେନ୍ଦ୍ରବେଳା। ଅପରାହ୍ନ ଘ୧।୧୫ମି. ଗତେ, ଘ୨।୩୭ମି. ମଧ୍ୟେ ରାହୁକାଳ।

## ସଂକ୍ଷେପରେ

### ପୁରୁଣା ୱାରେଣ୍ଟି ଗିରଫ



ନନ୍ଦପୁର,୯।୧(ଡି.ଏନ୍.ଏ.): ନନ୍ଦପୁର ପୋଲିସ ବୁଧବାର ପାଡୁଆ ଅଞ୍ଚଳରେ ଚଢ଼ାଉ କରି ଜଣେ ପୁରୁଣା ୱାରେଣ୍ଟିଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗତ ବର୍ଷ ଏକ ଡକାୟତ ମାମଲାରେ ଜଡିତ ପାଡୁଆ ଥାନା କୁଲାରସିଂ ପଞ୍ଚାୟତର ଗେମେଲପୁଟ ଗ୍ରାମର ପର୍ଶୁରାମ ଅର୍ଲବ ଫେରାର ଥିଲେ। ଡକାୟତ ଦଳକୁ ଥିବା ପଞ୍ଚାୟତ କମରଗୁଡ଼ା ଛକ ନିକଟରେ ନନ୍ଦପୁର ପୋଲିସ ଗିରଫ କରିଥିବା ବେଳେ ଜି.ଆର. କେସ୍ ନଂ.୮୬୫/୧୭ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ବୁଧବାର କୌଣସି ସୂତ୍ରରୁ ଖବର ପାଇ ଆଇଆଇସି ଚନ୍ଦ୍ରଶେଖର ଶବରଙ୍କ ନେତୃତ୍ୱରେ ଏସ୍ଆଇ ଜଳନ୍ଧର ସେଠୀ ଓ ନନ୍ଦପୁର ପୋଲିସର ଅନ୍ୟ କର୍ମଚାରୀ ଚଢ଼ାଉ କରି ପର୍ଶୁରାମ ଅର୍ଲବଙ୍କୁ ଗିରଫ କରିଥିଲେ।

### ବିଜେଡି ଛାଡ଼ି କଂଗ୍ରେସରେ ମିଶିଲେ

ଜୟପୁର,୯।୧(ନି.ପ୍ର.): ଜୟପୁର ବ୍ଲକ ଅନ୍ତର୍ଗତ ଗଡ଼ପଦର ପଞ୍ଚାୟତ ଅନ୍ତର୍ଗତ ଚୋତଡିପୁଟ ଗ୍ରାମର ବିଜେଡି କର୍ମୀ ରାମ ହାଲବା ଓ ପୁରୁସତୀ ହାଲବା ବିଜେଡି ଛାଡ଼ି କଂଗ୍ରେସରେ ଯୋଗ ଦେଇଛନ୍ତି। ସ୍ଥାନୀୟ ବିଧାୟକଙ୍କ ଭ୍ରଷ୍ଟାଚାର ବିରୋଧୀ ଓ ବିକାଶ ଆଭିମୁଖ୍ୟରେ ଅନୁପ୍ରାଣିତ ହୋଇ ସେମାନେ କଂଗ୍ରେସରେ ଯୋଗ ଦେଇଥିବା କହିଛନ୍ତି। କାର୍ଯ୍ୟକ୍ରମରେ ସୁନ ସବାପତି, ତୁଳାରାମ ହରିଜନ, ବ୍ଲକ ସଭାପତି ବସନ୍ତ ନାୟକ ଉପସ୍ଥିତ ଥିଲେ।

### ପୋଲିସ ସହାୟତା ଲୋଡ଼ିଲା ଚାମ୍ବର ଅଫ କମର୍ସ

ଜୟପୁର୯।୧(ଡି.ଏନ୍.ଏ.): ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ୨ ଦିନିଆ ଧର୍ମଘଟ ଯୋଗୁଁ ସାଧାରଣ ଲୋକ ହନ୍ତସନ୍ତ ହୋଇଛନ୍ତି। ସରକାରୀ ଓ ଘରୋଇ ବସ୍ ଚଳାଚଳ ବନ୍ଦ ଥିବା ଯୋଗୁଁ ଯାତ୍ରୀମାନେ ସମସ୍ୟା ଭୋଗିଛନ୍ତି। ବୁଧବାର ଦୋକାନ ବଜାର ଖୋଲାଯାଇଥିଲା; କିନ୍ତୁ କିଛି ଟ୍ରେଡ ୟୁନିୟନ ସଦସ୍ୟ ଦୋକାନ ବନ୍ଦ କରିବା ପାଇଁ ସହର ଚକ୍କର ଲଗାଇଥିଲେ। ବୁଧବାର ଦୋକାନ ଖୋଲିବାକୁ ଇଚ୍ଛା ପ୍ରକାଶ କରି ଜୟପୁର ଚାମ୍ବର ଅଫ କମର୍ସର କର୍ମକର୍ତ୍ତା ଟାଉନଥାନାରେ ପହଞ୍ଚି ସହାୟତା ଲୋଡ଼ିଥିଲେ। ଏସ୍ଆଇ ସୀମା ସଙ୍ଗିତା ଲୁଗୁନ୍ଙ୍କ ସହ ଆଲୋଚନା ହୋଇଥିଲା। ପାଟ୍ରୋଲିଂ ବ୍ୟବସ୍ଥା ଗ୍ରହଣ କରାଯିବା ପାଇଁ ପ୍ରତିଶ୍ରୁତି ମିଳିଥିଲା। ତେବେ ବନ୍ଦ ଡାକରା ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ନହେବା ପାଇଁ ଆଇନଶୃଙ୍ଖଳା ବଜାୟ ରଖିବା ପୋଲିସର କାର୍ଯ୍ୟ କହି ସହାୟତା ଦେବାକୁ ଏଡ଼ାଇ ଯାଇଥିଲା ପୋଲିସ। ସହରର ମୁଖ୍ୟ ବ୍ୟାବସାୟିକ ସ୍ଥଳ ମେନ୍ ରୋଡ ଓ ଏମ୍ଜି ରୋଡରେ କିଛି ଦୋକାନ ଖୋଲାଥିଲା। କିନ୍ତୁ ପେଟ୍ରୋଲ ପମ୍ପ ଓ ବ୍ୟାଙ୍କ ବନ୍ଦ ଥିଲା।

### ମିଳିଲାନି 'କାଳିଆ' ଫର୍ମ ନିରାଶରେ ଫେରିଲେ ଚାଷୀ

ବୈପାରୀଗୁଡ଼ା,୯।୧(ଡି.ଏନ୍.ଏ)- ରାଜ୍ୟ ସରକାରଙ୍କ ବହୁ ଚର୍ଚ୍ଚିତ କାଳିଆ ଯୋଜନାରେ ପଞ୍ଜୀକରଣ ପାଇଁ ଆବଶ୍ୟକୀୟ ଫର୍ମ ମିଳୁନାହିଁ। ଫଳରେ ବୈପାରୀଗଡ଼ା ବ୍ଲକ୍ର ଟିପାକୁର ପଞ୍ଚାୟତରେ ଚାଷୀଙ୍କୁ ହନ୍ତସନ୍ତ ହେବାକୁ ପଡ଼ିଛି। ଉକ୍ତ ଯୋଜନାରେ ନାମପଞ୍ଜୀକରଣ ପାଇଁ ବୁଧବାର ଟିପାକୁର ପଞ୍ଚାୟତରେ ଚାଷୀଙ୍କ ଭିଡ଼ ଲାଗିଥିଲା। ତେବେ ଆବଶ୍ୟକ ସଂଖ୍ୟକ ଫର୍ମ ଉପଲବ୍ଧ ନ ଥିବାରୁ ଦୂରଦୂରାନ୍ତରୁ ଆସିଥିବା ଚାଷୀ ନାନା ସମସ୍ୟାର ସମ୍ମୁଖୀନ ହୋଇ ନିରାଶରେ ଫେରିଥିଲେ। ଏ ସଂପର୍କରେ ସଂପୃକ୍ତ ପଞ୍ଚାୟତ ନିର୍ବାହୀଅଧିକାରୀ କାହ୍ନୁ ଦଣ୍ଡସେନାଙ୍କ ସହ ଯୋଗଯୋଗ କରିବାରୁ ଏହି ଫର୍ମ ସଂପୃକ୍ତ ନୋଡ଼ାଲ ଅଧିକାରୀଙ୍କ ଅଧୀନ କାର୍ଯ୍ୟରତ କୃଷି କର୍ମଚାରୀ ଯୋଗାଇବାର ନିୟମ ରହିଛି। ତେବେ ବୁଧବାର କୌଣସି କାରଣବଶତଃ ସେ କାର୍ଯ୍ୟାଳୟ ଆସି ନ ଥିଲେ। ଯାହା ଫଳରେ ଫର୍ମ ପ୍ରଦାନରେ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଥିଲା ପ୍ରାୟ ୪୦ ଜଣ ଚାଷୀ ଫେରିଯାଇଥିବା ବେଳେ ପରଦିନ ସେମାନଙ୍କୁ ଆସିବାକୁ କୁହାଯାଇଥିବା ସେ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ବୁଧବାର ରାଜ୍ୟ ସରକାର କାଳିଆ ଯୋଜନାରେ ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ଧାର୍ଯ୍ୟ ସମୟସୀମାକୁ ବର୍ଦ୍ଧିତ କରିଛନ୍ତି।

## ■ କୂଅରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର
# ହତ୍ୟାକରି ଫିଙ୍ଗିଦେଇଛନ୍ତି ୩ ଯୁବକ

ପଟ୍ଟାଙ୍ଗି,୯।୧(ଡି.ଏନ୍.ଏ.)

ପଟ୍ଟାଙ୍ଗି ଥାନା ଦେଓପଟ୍ଟାଙ୍ଗି ପଞ୍ଚାୟତ ତଥା ସଦର ଗ୍ରାମ ମାଳିସାହି ମଝିରେ ରହିଥିବା ଏକ କୂଅରୁ ଜଣେ କଲେଜ ପଢୁଆ ନାବାଳିକାଙ୍କ ମୃତଦେହ ଉଦ୍ଧାର ହୋଇଛି। ପଞ୍ଚାୟତ ସଦର ନିକଟ ଉପରସାହି ତଥା ଦମକଗୁଡ଼ାର ବାସିନ୍ଦା ଧନୁର୍ଜୟ ଖେମୁଡୁଙ୍କ ବଡ ଝିଅ ଅଞ୍ଜୁ ଗତ ୫ ତାରିଖ ସନ୍ଧ୍ୟା ୬ରୁ ଘରୁ କେଉଁଆଡ଼େ ଚାଲି ଯାଇଥିଲେ। ଅନେକ ଖୋଜାଖୋଜି ପରେ ମଧ୍ୟ ଝିଅର ଖବର ମିଳି ନଥିଲା। ବୁଧବାର ମାଳିସାହି ସ୍ଥିତ ଅଙ୍ଗନୱାଡ଼ି କେନ୍ଦ୍ର ସମ୍ମୁଖସ୍ଥ କୂଅ ଭିତରେ କେହି ପଡ଼ିଥିବା ସ୍ଥାନୀୟ ବାସିନ୍ଦା ଦେଖିଥିଲେ। ଖବର ପାଇ ଧନୁର୍ଜୟ ଘଟଣାସ୍ଥଳରେ ପହଞ୍ଚି ଝିଅର ମୃତଦେହ ଚିହ୍ନଟ କରି ପୋଲିସକୁ ଖବର ଦେଇଥିଲେ। ଏଏସ୍ଆଇ ଅନିମେଶ ମାଳି, ହାବିଲଦାର ପ୍ରଶାନ୍ତ ମାଝି, କନଷ୍ଟେବଲ ଅଜୟ ଦାଶ ଓ ସୁନିତା ଖୋସଲା ଅଗ୍ନିଶମ ଗାଡ଼ି ସହ ସେଠାରେ ପହଞ୍ଚି ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ




କୂଅ ଭିତରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରାଯାଉଛି।

**ଅଭିଯୋଗ ଆଣିଲେ ପରିବାର**

ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଧନୁର୍ଜୟ ଦେଇଥିବା ଏତଲାକୁ ଆଧାର କରି ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଛି। ମୃତ ଅଞ୍ଜୁ ସୁନାବେଡ଼ା ସ୍ଥିତ ଏସି କଲେଜରେ ଯୁକ୍ତ ଦୁଇ ବିଭାଗର ଦ୍ୱିତୀୟ ବର୍ଷରେ ପଢୁଥିଲେ। ଝିଅ ଆତ୍ମହତ୍ୟା କରିନାହିଁ। ତାକୁ ତିନିଜଣ ଯୁବକ ହତ୍ୟାକରି କୂଅରେ ପକାଇଥିବା ବାପା ଧନୁର୍ଜୟ ଗଣମାଧ୍ୟମକୁ କହିଛନ୍ତି। ଅଞ୍ଜୁ ପିନ୍ଧିଥିବା ଲାଲରଙ୍ଗର କୋଟ୍ ଭିତରୁ ଏକ ମୋବାଇଲ ବାହାରି ଥିବାବେଳେ ଘରୁ ଏକ ହାତଲେଖା ଚିଠି ମଧ୍ୟ ପୋଲିସ ଜବତ କରିଛି।

## ଧରାପଡ଼ିଲେ ୨ କୁଖ୍ୟାତ ଅପରାଧୀ



ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ।

ଜୟପୁର,୯।୧(ଡି.ଏନ୍.ଏ./ନି.ପ୍ର.)

ଡକାୟତି ପାଇଁ ଯୋଜନା ଚାଲିଥିବା ବେଳେ ଜୟପୁର ସଦରଥାନା ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ୨ ଜଣ ହେଲେ ଦୁର୍ଦ୍ଦାନ୍ତ ଅପରାଧୀ ଉମୁରି ଗ୍ରାମର ପି.ଜେ. ଜନସନ ଓରଫ ଭିକି (୩୮) ଏବଂ ଟାଉନଥାନା ପାରାବେଡ଼ା ଅଞ୍ଚଳର ସୁଶାନ୍ତ ମହାରଣା (୨୯)। ସେମାନଙ୍କ ନିକଟରୁ ଖଣ୍ଡା, ଲୁହା ରଡ୍, ଛୁରା, ଖାଲି ମଦ ବୋତଲ, ମରିଚ ଗୁଣ୍ଡ, ଏକ ହଜାର ଟଙ୍କା ଏବଂ ବାଇକ ଜବତ କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ହାତିବାରିଗୁଡ଼ା ନିକଟସ୍ଥ ପୌରସଂସ୍ଥା ଡମ୍ପିଂୟାର୍ଡ ପଛପାଖରେ ୫ଜଣ ସନ୍ଦିଗ୍ଧ ଡକାୟତି ପାଇଁ ପ୍ରସ୍ତୁତି ଚଳାଇଥିଲେ। ଖବର ପାଇ ସଦରଥାନା ପୋଲିସ ଚଢ଼ାଉ କରିବା ପରେ ଦୁଇଜଣ ଅଭିଯୁକ୍ତ ଧରାପଡ଼ିଥିଲେ। ଅନ୍ଧାରର ସୁଯୋଗ ନେଇ ଅନ୍ୟ ୩ ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। କୋରାପୁଟ ଏବଂ ନବରଙ୍ଗପୁର ଜିଲାର ଥାନାରେ ଅଭିଯୁକ୍ତ ଭିକିଙ୍କ ନାମରେ ଅପହରଣ, ଡକାୟତି, ଦଙ୍ଗା, ଲୁଟ୍, ଗଞ୍ଜେଇ ଚାଲାଣ ଭଳି ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସେହିପରି ସୁଶାନ୍ତଙ୍କ ନାମରେ ଜୟପୁର ଟାଉନ ଥାନାରେ ଚୋରି ଏବଂ ଡକାୟତି ଭଳି ଏକାଧିକ ମାମଲା ରହିଛି। ଦଫା ୩୯୯, ୪୦୨, ୨୫ ଅସ୍ତ୍ରଶସ୍ତ୍ର ରଖିବା ମାମଲା (୬/୧୯) ରୁଜୁ କରାଯାଇ ୨ ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଡିଏସ୍ପି ସ୍ନେହାଶିଷ ସାହୁ କହିଛନ୍ତି।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି

କୋରାପୁଟ,୯।୧(ସ୍ୱ.ପ୍ର.)

କୋରାପୁଟରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ବୁଧବାର ଅପରାହ୍ନରେ ସ୍ଥାନୀୟ ସଦ୍ଭାବନା ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅବଦୁଲ ଅଖତାର, ଉପଜିଲାପାଳ ଲଳିତ କହଁର, ଜିଲା ଜଳ ବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଭବାନିଶଙ୍କର କାଲୋ, ପୂର୍ବତନ ପୌରାଧ୍ୟକ୍ଷ ଭଗବାନ ବାହିନୀପତି, ଜିଲା ସଂସ୍କୃତି ଅଧିକାରୀ ଅକ୍ଷୟ ସେଠି, ଜିଲା ପଂଚାୟତ ଅଧିକାରୀ ସୁଦେଶ ପଟ୍ଟନାୟକ ଉପସ୍ଥିତ ଥିଲେ। ଚଳିତ ବର୍ଷ ଜିଲାସ୍ତରୀୟ ପ୍ୟାରେଡରେ ୩୬ଟି ଦଳ ଭାଗ ନେବେ। ପୋଲିସ ପଡିଆରେ ହେବାକୁ ଥିବା ପ୍ୟାରେଡ୍ ପାଇଁ ସୁରକ୍ଷା, ପରିମଳ, ପାନୀୟ ଜଳ, ସାଜସଜ୍ଜା ପାଇଁ ସଂପୃକ୍ତ ବିଭାଗକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ସାଧାରଣତନ୍ତ୍ର ଦିବସର ୩ଦିନ ପୂର୍ବରୁ ଭାଗ ନେଉଥିବା ପ୍ୟାରେଡ୍ ଦଳ ଅଭ୍ୟାସ କରିବେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ପାଇଁ ବିଭିନ୍ନ କମିଟି ଗଠନ, ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ପୁରସ୍କୃତ କରାଯିବ। ଏଥିପାଇଁ କମିଟି ଗଢ଼ିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅପରାହ୍ନରେ ଗଣମାଧ୍ୟମ ଏକାଦଶ ଓ ବାର ଆସୋସିଏସନ ଏକାଦଶ ମଧ୍ୟରେ ୨୦-୨୦ କ୍ରିକେଟ୍ ଖେଳାଯିବ। ଜିଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜଗନ୍ନାଥ ପ୍ରସାଦ ରାୟଗୁରୁ ବୈଠକ ପରିଚାଳନା କରିଥିଲେ।




ପ୍ରସ୍ତୁତି ବୈଠକରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

## ରୋଲରକୁ ଚୋରି ପରେ ବିକ୍ରି, ୪ ଗିରଫ

କୋରାପୁଟ,୯।୧(ସ୍ୱ.ପ୍ର.)

କୋରାପୁଟ ବ୍ଲକ ପାଇକ ଫୁଲବେଡ଼ା ଗ୍ରାମରେ ରାସ୍ତା କାର୍ଯ୍ୟରେ ନିୟୋଜିତ ଏକ ରୋଲରକୁ ଚୋରିକରି ଭିଲାଇରେ ବିକ୍ରି କରିବା ଅଭିଯୋଗରେ ବୁଧବାର କୋରାପୁଟ ସଦର ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମିଳିଥିବା ସୂଚନାରୁ ଜଣାପଡ଼ିଛି ଯେ, କୋରାପୁଟର ପାଇକ ଫୁଲବେଡ଼ା ଗ୍ରାମରେ ଏକ ରାସ୍ତା କାର୍ଯ୍ୟରେ କୋରାପୁଟର ପ୍ରଫୁଲ୍ଲ ଗୌଡ଼ଙ୍କ ରୋଲରକୁ ଚୋରିକରି କେତେକ ବ୍ୟକ୍ତି ଏହାକୁ ଟ୍ରକ ଯୋଗେ ଭିଲାଇ ନେଇ ସେଠାରେ ୩ ଲକ୍ଷ ଟଙ୍କାରେ ବିକ୍ରି କରିଥିଲେ। ଏନେଇ ପ୍ରଫୁଲ୍ଲ ଗୌଡ଼ ସଦର ଥାନାରେ ଅଭିଯୋଗ କଲାପରେ ସଦର ପୋଲିସ ଏକ ମାମଲା ରୁଜୁ କରି ଏଥିରେ ସଂପୃକ୍ତ ପୂଜାରିପୁଟର ପି. ଅମରନାଥ ରାଓ, ବୋରିଗୁମ୍ମାର ଦିପକ ପାତ୍ର, ମସ୍ତିପୁଟ ଗ୍ରାମର ନିରଜିତ କୁଲଦିପ, ଭିଲାଇର ଭି.ଭି.ଏସ୍. ମୂର୍ତ୍ତି ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ଏହି ମାମଲାର ତଦନ୍ତକାରୀ ଅଧିକାରୀ ନଟବର ନନ୍ଦ ପ୍ରକାଶ କରିଛନ୍ତି।

## ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ କାର୍ଯ୍ୟକ୍ରମ

ସୁନାବେଡ଼ା, ୯।୧(ଡି.ଏନ୍.ଏ)–

ଦିବ୍ୟଜୀବନ ସଂଘ, ସୁନାବେଡ଼ା ମହିଳା ଶାଖା ତରଫରୁ ଜଗନ୍ନାଥ ମନ୍ଦିର ପଣ୍ଡପରେ ୩ ଦିନିଆ ଶ୍ରୀମଦ୍ ଭଗବଦ୍ ଗୀତା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରିଷ୍ଠ ସନ୍ନ୍ୟାସୀ ସ୍ୱାମୀ ଧର୍ମନିଷ୍ଠାନନ୍ଦଜୀ ମହାରାଜ ଏବଂ ବିଶିଷ୍ଟ ଗୀତାପ୍ରବଚକ ଜଗଦ୍କିଶୋର ଦାସ ଉପସ୍ଥିତ ରହି ଗୀତା ସମ୍ପର୍କରେ ପ୍ରବଚନ ପ୍ରଦାନ କରିଥିଲେ। ପ୍ରଥମ ଦିବସ କାର୍ଯ୍ୟକ୍ରମରେ ସୁନାବେଡ଼ା ଡିଆରଡିଓ ଆଞ୍ଚଳିକ ନିର୍ଦ୍ଦେଶକ ବେଣୁଧର ସାହୁ ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। ସଂଘ ସଭାନେତ୍ରୀ କମଳା ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ସ୍ୱାମିଜୀ କାର୍ଯ୍ୟକ୍ରମରେ ଆସନ, ପ୍ରାଣାୟାମ ଏବଂ ଯୋଗ ଶିକ୍ଷାଦାନ କରିଥିଲେ। ଦିବ୍ୟଜୀବନ ସଂଘ ସେମିଳିଗୁଡ଼ା ଏବଂ ମୁଖ୍ୟ ଶାଖା ସୁନାବେଡ଼ାର ଶ୍ରଦ୍ଧାଳୁଙ୍କୁ ସ୍ୱାମୀଜୀ ସମ୍ବୋଧିତ କରିବା ସହିତ ମୁଖ୍ୟ ଶାଖାର ସୁବର୍ଣ୍ଣ ଜୟନ୍ତୀ କିପରି ସଫଳ ରୂପେ ପାଳନ ହେବ ସେଥିପାଇଁ ଅଖଣ୍ଡଦୀପ ପ୍ରଜ୍ୱଳନ କରିଥିଲେ। ବି. ପାତ୍ର, ସବିତା ମିଶ୍ର, ମିତା ପଟ୍ଟନାୟକ, ପ୍ରମିଳା ତ୍ରିପାଠୀ, ବିଜୟଲକ୍ଷ୍ମୀ ପାତ୍ର, ପ୍ରମୋଦିନୀ ପାତ୍ର, ମଞ୍ଜୁଲତା ନାୟକ ପ୍ରମୁଖ ସଂଘ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ପ୍ରବଚନ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରବଚକ।

## ଓଲଟିଲା ଆଲୁମିନା ବୋଝେଇ ଗାଡ଼ି

ଟିକିରି, ୯।୧(ଡି.ଏନ୍.ଏ.)

ବୁଧବାର ଭୋରରୁ ଟିକିରି ଉତ୍କଳ ଆଲୁମିନା ପଟୁ ବିଶାଖାପାଟଣା ଯାଉଥିବା ଏକ ଆଲୁମିନା ବୋଝେଇ ଗାଡି (ଓଡି-୧୮ଇ-୮୫୮୮) ଶଙ୍କରଡା ପଞ୍ଚାୟତ ତୋୟାପୁଟ ଗେଟ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଗତ କିଛିବର୍ଷ ମଧ୍ୟରେ ବାରମ୍ବାର ଆଲୁମିନା ବୋଝେଇ ଗାଡି ବାରମ୍ବାର ଦୁର୍ଘଟଣାଗ୍ରସ୍ତ ହୋଇ ଅନେକ ଡ୍ରାଇଭର ଓ ହେଲପରଙ୍କର ମୃତ୍ୟୁ ଘଟିଛି। ବାରମ୍ବାର ଦୁର୍ଘଟଣାଗ୍ରସ୍ତ ଘଟୁଥିଲେ ସୁଦ୍ଧା ପ୍ରଶାସନ ତରଫରୁ କୌଣସି ପ୍ରତିକାର କରାଯାଉ ନଥିବା ଅଞ୍ଚଳବାସୀ କହିଛନ୍ତି।

## ୩ ମାସରେ ସରିବ କୋଟିଆ ବିକାଶ କାର୍ଯ୍ୟ

କୋରାପୁଟ,୯।୧(ସ୍ୱ.ପ୍ର.)

କୋରାପୁଟ ଜିଲା କୋଟିଆ ପଞ୍ଚାୟତର ସର୍ବାଙ୍ଗିନ ଉନ୍ନତି ପାଇଁ ଚାଲିଥିବା କାର୍ଯ୍ୟ ଓ ଲୋକଙ୍କ ବିଭିନ୍ନ ସମସ୍ୟା ୩ ମାସ ଭିତରେ ଶେଷ କରାଯିବ। ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଏହି ସୂଚନା ଦେଇଛନ୍ତି। କୋଟିଆ ପଞ୍ଚାୟତ ସଦରରେ ଚାଲିଥିବା ହସପିଟାଲ ଗୃହ ନିର୍ମାଣ ଓ କ୍ଲଷ୍ଟର ଗୃହ କାର୍ଯ୍ୟର ଅଗ୍ରଗତି ଦେଖିବା ସହ ଜିଲାପାଳ ଫଗୁଣସିନେରି ଗ୍ରାମ ପରିଦର୍ଶନ କରି ସେଠାରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ପଟ୍ଟାଙ୍ଗି ବିଡିଓ କରୁଣାକର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ଜନ ସଂପର୍କ ଶିବିରରେ ମଧ୍ୟ ସେ ଯୋଗଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ। ପରେ ଗ୍ରାମବାସୀଙ୍କୁ କମ୍ବଳ ସମେତ ବିଭିନ୍ନ ସମାଗ୍ରୀ ବଣ୍ଟାଯିବା ସହ ସ୍ୱାସ୍ଥ୍ୟ ଶିବିର କରାଯାଇଥିଲା। ଏଥିରେ ତହସିଲଦାର ଅରୁଣ ଖଣ୍ଡା, ସହକାରୀ ଯନ୍ତ୍ରୀ ଗଣେଶ ହେମ୍ବ୍ରମ ଉପସ୍ଥିତ ଥିଲେ।

## ପଟ୍ଟାଙ୍ଗିରେ ବୁଲିଲା 'ଜବାବ ମାଗୁଛି ଓଡ଼ିଶା' ରଥ

ପଟ୍ଟାଙ୍ଗି,୯।୧(ଡି.ଏନ୍.ଏ.)

ପଟ୍ଟାଙ୍ଗି ମା' ଗାଙ୍ଗମାଁ ମନ୍ଦିରରେ ଭାଜପା ଯୁବ ମୋର୍ଚ୍ଚା ଅଭିଯାନରେ ରାଜ୍ୟସ୍ତରରୁ ଆସିଥିବା 'ଜବାବ ମାଗୁଛି ଓଡ଼ିଶା' ରଥକୁ ରାଜ୍ୟ ପରିଷଦ ସଭ୍ୟ କୃଷ୍ଣଚନ୍ଦ୍ର ଜାନି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଛନ୍ତି। ଯୁବମୋର୍ଚ୍ଚା ବ୍ଲକ ସଭାପତି ରଞ୍ଜିତ ପାଣିଗ୍ରାହୀ ଓ ଆଦିବାସୀ ମୋର୍ଚ୍ଚା ବ୍ଲକ ସଭାପତି ବଲ୍ଲୁ ଚପାଡ଼ି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଉଦ୍ଘାଟିତ ରଥ ପ୍ରଥମ ଦିନରେ ବ୍ଲକ ସଦର ସ୍ଥିତ ମଙ୍ଗଳବାର ସାପ୍ତାହିକ ହାଟରେ ପହଞ୍ଚି ଫିଲ୍ମ ମାଧ୍ୟମରେ ଲୋକଙ୍କୁ ସଚେତନତା କରାଇଥିଲା। ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅଧୀନ ସେମିଳିଗୁଡ଼ା ଓ ନନ୍ଦପୁର ବ୍ଲକରେ ଆସନ୍ତା ୪୫ ଦିନ ଧରି ଏହି ବୁଲିବ। କାର୍ଯ୍ୟକ୍ରମରେ ବଳରାମ ବାରିକ, ଜଗଦୀଶ ଖିଲ, ଦୁର୍ଜୟ ଗୋଲରି, ଦୟାନିଧି ମାଝୀ, ପର୍ଶୁରାମ ଗୋଲରି ଉପସ୍ଥିତ ଥିଲେ।

## ଆବେଦନ ପାଇଁ ଭିଡ଼, ଟଣାଓଟରା

ଜୟପୁର,୯।୧(ଡି.ଏନ୍.ଏ.)

ଜୟପୁର ବ୍ଲକ ବାରିଣିପୁଟ ପଞ୍ଚାୟତ କାର୍ଯ୍ୟାଳୟରେ କାଳିଆ ଯୋଜନା ଅନୁଯାୟୀ କ୍ଷୁଦ୍ର ଚାଷୀ, ନାମମାତ୍ର ଚାଷୀ ଓ ଭାଗଚାଷୀଙ୍କ ନାମ ସୂଚୀରେ ନଥିବା ଆବେଦନକାରୀ ବୁଧବାର ପୂର୍ବାହ୍ନରେ ଭିଡ଼ ଜମାଇବା ସହ ସବୁଜ ରଙ୍ଗର ଫର୍ମ ନେବା ପାଇଁ ଟଣାଓଟରା ହୋଇଛନ୍ତି। ଫଳରେ କାର୍ଯ୍ୟ ଅଧାରୁ ବନ୍ଦ କରାଯାଇଛି। ସବୁଜ ରଙ୍ଗ ଫର୍ମ ସଂଖ୍ୟା ମାତ୍ର ୧୦୦ଟି ଥିବାବେଳେ ଆବେଦନକାରୀ ୩୦୦ରୁ ଅଧିକ ଥିଲେ। ଆସନ୍ତା ୧୦ ତାରିଖ ଆବେଦନର ଅନ୍ତିମ ଦିବସ ବୋଲି ପୂର୍ବରୁ ଘୋଷଣା ହୋଇଥିବା ଯୋଗୁ ଲୋକେ ଭିଡ଼ ଲଗାଇବା ସହ ଫର୍ମ ପାଇଁ ଟଣାଓଟରା କରିଥିଲେ। ଖବରପାଇ ସଦରଥାନା ଅଧିକାରୀ କୈଳାସଚନ୍ଦ୍ର ସେଠୀ ଓ ଆମ୍ବାଗୁଡ଼ା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଶୃଙ୍ଖଳା ରକ୍ଷା କରିଥିଲା। ଅନ୍ୟ ପଞ୍ଚାୟତରେ ବୁଧବାର ସୁଦ୍ଧା ୯୦୦ରୁ ଊର୍ଦ୍ଧ୍ୱ ଆବେଦନ କରିଥିବା ବେଳେ ବାରିଣିପୁଟ ପଞ୍ଚାୟତରେ ମାତ୍ର ୨୦୦ ଜଣ ଆବେଦନ କରିଛନ୍ତି।



କାଳିଆ ଯୋଜନାରେ ନାମ ପଞ୍ଜୀକରଣ କରିବାକୁ ବାରିଣୀପୁଟ ପଞ୍ଚାୟତ କାର୍ଯ୍ୟାଳୟ ଆସିଥିବା ଚାଷୀମାନେ।

## କୋରାପୁଟ ପ୍ରେସ କ୍ଲବ ନୂତନ କର୍ମକର୍ତ୍ତା ନିର୍ବାଚନ



ଚୟନ ହୋଇଥିବା କର୍ମକର୍ତ୍ତା।

କୋରାପୁଟ,୯।୧(ସ୍ୱ.ପ୍ର.)

କୋରାପୁଟ ପ୍ରେସ କ୍ଲବର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ନିର୍ବାଚନ ଅଧିକାରୀ ଭାବେ ପ୍ରେସ କ୍ଲବ ପ୍ରତିଷ୍ଠାତା ସଭ୍ୟ ଡି. ଶଙ୍କର ରାଓ ଓ ସହକାରୀ ଭାବେ ଅଜୟ ସାହୁ ଏହାକୁ ପରିଚାଳନା କରିଥିଲେ। ସଭାପତି ଭାବେ ଭବାନି ଶଙ୍କର ମିଶ୍ର, ଉପସଭାପତି ପ୍ରଶାନ୍ତ ସାମନ୍ତରାୟ, ସଂପାଦକ ଅମିତାଭ ବେହେରା, ଯୁଗ୍ମ ସଂପାଦକ ଅରୁଣ ଦାସ, କୋଷାଧ୍ୟକ୍ଷ ଘନଶ୍ୟାମ ରଥ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ପ୍ରେସକ୍ଲବର ଟ୍ରିବ୍ୟୁନାଲ ବୋର୍ଡ ଅଧ୍ୟକ୍ଷ ଭାବେ ବିଦ୍ୟା ଚୌଧୁରୀ, କ୍ଲବର ୱେଲଫେୟାର ବୋର୍ଡ ଅଧ୍ୟକ୍ଷ ଓମ୍ପ୍ରକାଶ ସିହ୍ନା, କ୍ଲବ ଉପଦେଷ୍ଟା ପରୀକ୍ଷିତ ବିଶ୍ୱାଳ, ସି.ଏଚ୍. ସାନ୍ତାକାର, ଲକ୍ଷ୍ମୀ ପ୍ରସାଦ ରଥ, ଡି. ଶଙ୍କର ରାଓ, ଜିତେନ୍ଦ୍ର ଜେନାଙ୍କୁ ମନୋନୀତ କରାଯାଇଛି। ଏହିଅବସରରେ ପ୍ରେସକ୍ଲବର ରଞ୍ଜନ ଦାସ, ପତିତପାବନ ସାହୁ, କିର୍ତ୍ତୀଚନ୍ଦ୍ର ସାହୁ, ଶରତ ନାୟକ, ମନୋଜ ନାୟକ, ପ୍ରମୋଦ ଖରା, ଶୈଳେଶ ଖଡିଆର, ସତ୍ୟଜିତ ମହାନ୍ତି, ଅର୍ଜୁନ ଦାସ, ଶିଶିର ଆଚାର୍ଯ୍ୟ, ପରମେଶ୍ୱର ସାହୁ ଉପସ୍ଥିତ ଥିଲେ। ଶେଷରେ ପ୍ରେସକ୍ଲବରେ ୪ ଜଣ ଖବରଦାତାଙ୍କୁ ନୂତନ ସଦସ୍ୟ ଭାବେ ସାମିଲ କରାଯାଇଥିଲା।

## ଗାର୍ଡ ଶୂନ୍ୟ ହୋଇଯିବ ଜୟପୁର ବନଖଣ୍ଡ

ବୈପାରୀଗୁଡ଼ା, ୯।୧(ଡି.ଏନ୍.ଏ)–

- ■ ବନ୍ୟ ସମ୍ପଦ ସୁରକ୍ଷା ନେଇ ପ୍ରଶ୍ନବାଚୀ
- ■ ୬୮ଟି ବିଟ୍ରେ ୨୩ କାର୍ଯ୍ୟରତ
- ■ ଅନେକଙ୍କୁ ପଦୋନ୍ନତି, ଅବସର ନେଲେଣି ଅଧାରୁ ଅଧିକ

କୋରାପୁଟ ଜିଲା ଜୟପୁର ବନଖଣ୍ଡରେ ବହୁ ସୁରକ୍ଷାକର୍ମୀ ପଦବୀ ଖାଲି ପଡ଼ିଛି। ପଦବୀ ପୂରଣ ପାଇଁ ଦାବି ହୋଇଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ବନ୍ୟ ସମ୍ପଦ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜୟପୁର ବନଖଣ୍ଡ ଅଧୀନରେ ବୈପାରୀଗୁଡ଼ା, ଗୁପ୍ତେଶ୍ୱର, କୁନ୍ଦୁରା, ବୋରିଗୁମ୍ମା ଓ କୋଟପାଡ଼ ପ୍ରଭୃତି ବନାଞ୍ଚଳ ରହିଛି। ପ୍ରତ୍ୟେକ ବନାଞ୍ଚଳକୁ କେତେକ ବିଟ୍ରେ ବିଭକ୍ତ କରାଯାଇଛି। ନିୟମ ଅନୁସାରେ ପ୍ରତି ବିଟ୍ରେ ଜଣେ ଜଙ୍ଗଲ ସୁରକ୍ଷାକର୍ମୀ ନିୟୋଜିତ ହୋଇଥାନ୍ତି। କିନ୍ତୁ ଜୟପୁର ବନଖଣ୍ଡରେ ଗତ ୨୦୦୬ଠାରୁ ଉକ୍ତ ପଦବୀଗୁଡ଼ିକ ଖାଲି ପଡ଼ିଛି। ୨୦୦୯ ଓ ୨୦୧୧ରେ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ଅଦାଲତ ଏହାକୁ ଅସିଦ୍ଧ ଘୋଷଣା କରିବାରୁ ତାହା କାର୍ଯ୍ୟକାରୀ ହୋଇପାରି ନ ଥିଲା। ୨୦୦୬ ପରଠାରୁ ଅନେକେ ପଦୋନ୍ନତି ପାଇ ଫରେଷ୍ଟର ହୋଇଯାଇଥିବାବେଳେ ପୁଣି ଅନେକେ ଅବସର ନେଇସାରିଲେଣି। ବନ ବିଭାଗର ସୂଚନା ଅନୁସାରେ ଏବେ କୋଟପାଡ଼ ବନାଞ୍ଚଳର ୧୧ ବିଟ୍ରେ ୪ ଜଣ ଗାର୍ଡ, ବୋରିଗୁମ୍ମା ବନାଞ୍ଚଳର ୮ ବିଟ୍ରେ ୩, କୁନ୍ଦୁରା ବନାଞ୍ଚଳର ୭ ବିଟ୍ରେ ୨, ଗୁପ୍ତେଶ୍ୱର ବନାଞ୍ଚଳର ୧୩ ବିଟ୍ରେ ୪, ବୈପାରୀଗୁଡ଼ା ବନାଞ୍ଚଳର ୧୭ ବିଟ୍ରେ ୪ ଏବଂ ଜୟପୁର ବନାଞ୍ଚଳର ୧୨ଟି ବିଟ୍ରେ ମାତ୍ର ୬ ଜଣ ଗାର୍ଡ ଅଛନ୍ତି। ଏହିପରି ମୋଟ ୬୮ଟି ବିଟ୍ରେ ୨୩ ଜଣ ଗାର୍ଡ ଅଛନ୍ତି। ଜଣେ ଜଣେ ଗାର୍ଡଙ୍କୁ ଏକାଧିକ ବିଟ୍ ଦାୟିତ୍ୱ ଦିଆଯାଇଥିବାବେଳେ ଜଗାରଖା କାମ କରିବା କାଠିକର ପାଠ ବୋଲି ଜଣେ କର୍ମଚାରୀ ନିଜ ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏ ସଂପର୍କରେ ଜୟପୁର ବନାଞ୍ଚଳ ଅଧିକାରୀ ଅଶ୍ୱିନ କୁମାର କରଙ୍କ ମତ ନେବାରୁ ଆବଶ୍ୟକୀୟ ସଂଖ୍ୟକ ଗାର୍ଡ ନ ଥିବାରୁ ପ୍ଲାଣ୍ଟେଶନ ଓ ବ୍ୟାଘ୍ର ଗଣନା ଆଦି କାମରେ ସମସ୍ୟା ଉପୁଜୁଥିବା କହିଛନ୍ତି। କିନ୍ତୁ ପାରା ଷ୍ଟାଫ ଓ ସ୍କ୍ୱାଡ୍ଙ୍କୁ ନେଇ ଜଙ୍ଗଲ ସୁରକ୍ଷା ଠିକ୍ ଚାଲିଛି। ଗାର୍ଡ ନିଯୁକ୍ତି ପାଇଁ ଯୋଜନା ଚାଲୁଥିବା ସେ ପ୍ରକାଶ କରିଛନ୍ତି।

# ବେଆଇନ ହଷ୍ଟେଲ ଉପରେ ଚଢାଉ

■ଅସୁରକ୍ଷିତ ପରିବେଶରେ ରହୁଛନ୍ତି ଛାତ୍ରୀଛାତ୍ର
■ରନ୍ଧା ଘର ଏବଂ ଭୋଜନାଳୟ ନାହିଁ
■ସରକାରୀ ଅନୁମତି ପତ୍ର ନାହିଁ

**ମାଲକାନଗିରି,୯।୧ (ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଥିବା ବିଭିନ୍ନ ବେଆଇନ ଛାତ୍ରାବାସ(ହଷ୍ଟେଲ)ଗୁଡିକ ଉପରେ ବୁଧବାର ଶିଶୁ ମଙ୍ଗଳ କମିଟି, ଶିଶୁ ସୁରକ୍ଷା ସଂସ୍ଥା ଏବଂ ଚାଇଲ୍ଡ ଲାଇନ୍ ପକ୍ଷରୁ ମିଳିତ ଚଢାଉ କରାଯାଇଛି। ଏହି ଚଢାଉ ବେଳେ ଛାତ୍ରାବାସଗୁଡିକରେ ବିଭିନ୍ନ ଅନିୟମିତତାର ସୁରାକ ମିଳିଛି। ଛାତ୍ରାବାସରେ ରହୁଥିବା ପିଲାମାନେ ତଳେ ଶୋଉଥିବା, ଛାତ୍ରାବାସ ପରିସର ମଧ୍ୟରେ ରନ୍ଧା ଘର ଏବଂ ଭୋଜନାଳୟ ନ ଥିବା, ସରକାରୀ ଅନୁମତି ପତ୍ର ନ ଥିବା ଆଦି ଉପଲବ୍ଧି ହୋଇଥିଲା। ଚଢାଉ ହୋଇଥିବା ଛାତ୍ରାବାସ ଓ ଛାତ୍ରୀନିବାସଗୁଡିକ ହେଲା ଗାୟତ୍ରୀ ଛାତ୍ରାବାସ,ସରସ୍ୱତୀ ଟ୍ୟୁଟରିଆଲ, ଗଣେଶ ଟ୍ୟୁଟରିଆଲ ଓ ଟାଲେଣ୍ଟ କୋଚିଂ ସେଣ୍ଟର। ଗାୟତ୍ରୀ ଛାତ୍ରାବାସରେ ୧୪ ଛାତ୍ରୀ, ୧୫୧ ଜଣ ଛାତ୍ର ରହୁଥିବା ବେଳେ, ସରସ୍ୱତୀ ଟ୍ୟୁଟରିଆଲରେ ୪୮ ଛାତ୍ରୀ, ୧୩୫ ଛାତ୍ର, ଗଣେଶ ଟ୍ୟୁଟରିଆଲରେ ୯ ଛାତ୍ରୀ, ୪୧ ଛାତ୍ର ଏବଂ ଟାଲେଣ୍ଟ କୋଚିଂ ସେଣ୍ଟରରେ ୧୭ ଛାତ୍ରୀ, ୨୬ ଜଣ ଛାତ୍ର ରହୁଥିବା ତଦନ୍ତ ବେଳେ ଜଣାପଡିଥିଲା। ଏହି ଛାତ୍ରୀଛାତ୍ରମାନେ ରହୁଥିବା ପରିବେଶ ଅସୁରକ୍ଷିତ ଥିବା ନେଇ ସରକାରଙ୍କୁ ଅବଗତ କରାଯିବ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସଙ୍କ ସମେତ କମିଟିର ସଦସ୍ୟା ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।


ଅଧିକାରୀମାନେ ଛାତ୍ରାବାସ ତଦାରଖ କରୁଛନ୍ତି।

## ସଂକ୍ଷେପରେ



### ମାଲକାନଗିରି ସହର ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ଘୋଷିତ

**ମାଲକାନଗିରି,୯।୧(ଡି.ଏନ.ଏ):** କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ମାଲକାନଗିରି ପୌରପରିଷଦ ପକ୍ଷରୁ ମାଲକାନଗିରି ସହରକୁ ବୁଧବାର ସମ୍ପୂର୍ଣ୍ଣ ବାହ୍ୟ ମଳମୁକ୍ତ ସହର ଘୋଷଣା କରାଯାଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ମନୀଷ ଅଗ୍ରୱାଲ ଉଦ୍ଘାଟନ କରିଥିଲେ। ଶୋଭାଯାତ୍ରା ସହର ପରିକ୍ରମା କରି ଜମି କିମ୍ବା ପଡ଼ିଆରେ ମଳତ୍ୟାଗ ନ କରିବା ପାଇଁ ଲୋକଙ୍କୁ ସଚେତନ କରିଥିଲା। ପୌରପରିଷଦ ନିର୍ବାହୀ ଅଧିକାରୀ ଏମ.ନୀଳକଣ୍ଠ ନାଇଡୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲାପାଳ, ବିଧାୟକ ମାନସ ମାଡ଼କାମୀ, ଜିଲା ଆଦିବାସୀ ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ରାଡମା ରାୱା, ପୌରପରିଷଦର ପୂର୍ବତନ ଅଧକ୍ଷ ରାଜୱନ୍ତ କୌର, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ଶାଶ୍ୱତି ରାଉତ, ପରିଷଦର ସହକାରୀ ନିର୍ବାହୀ ଯନ୍ତ୍ରୀ ରବିନ୍ଦ୍ର ନାଥ ଦାସ, ଜାତୀୟ ସହରାଞ୍ଚଳ ଜୀବନ ଜୀବିକା ମିଶନର ପରିଚାଳକ ଜଗନ୍ନାଥ ଖେମୁଡୁ, ସ୍ୱଚ୍ଛ ଭାରତ ମିଶନର ପରିମଳ ବିଶେଷଜ୍ଞ ଲିଙ୍ଗରାଜ ପାଲ ପ୍ରମୁଖ ଯୋଗ ଦେଇ ମାଲକାନଗିରି ସହରକୁ ବାହ୍ୟ ମଳମୁକ୍ତ ସହର ଘୋଷଣା କରିଥିଲେ। ସହରର ଏଣେ ତେଣେ ଶୌଚ ନ କରି ପରିଷଦ ପକ୍ଷରୁ ନିର୍ମିତ କମ୍ୟୁନିଟି ପାଇଖାନାରେ ଶୌଚ କରିବାକୁ ପରାମର୍ଶ ଦେଇଥିଲେ। ସୁସ୍ଥ ପରିବେଶ ଓ ସମାଜ ଗଠନ କରିବାକୁ ହେଲେ ପରିମଳ ବ୍ୟବସ୍ଥାକୁ ସ୍ୱଚ୍ଛ ରଖିବା ଆବଶ୍ୟକ। ସହରର ୧୯ ୱାର୍ଡରେ ମୋଟ ୨୩ଟି କମ୍ୟୁନିଟି ପାଇଖାନା ନିର୍ମାଣ କରାଯାଇଥିବା ବେଳେ ଆବଶ୍ୟକ ସ୍ଥଳେ ଅଧିକ ନିର୍ମାଣ କରାଯିବାକୁ ଯୋଜନା ରହିଥିବା ସୂଚନା ଦିଆଯାଇଛି।

### ମନ୍ଦିର ପରିସର ସଫା କଲେ ସ୍କୁଲ ଛାତ୍ର



**ଗୋବିନ୍ଦପାଲ୍ଲୀ, ୯।୧:** ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲୀରେ ବୁଧବାର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରମାନେ ଜଗନ୍ନାଥଙ୍କ ମନ୍ଦିର ପରିସର ସଫା କରିଛନ୍ତି। ଆଗାମୀ ୧୫ରୁ ୧୮ ଯାଏ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଥିବା ୫ଟି ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ ହେବ। ଏହାକୁ ଦୃଷ୍ଟିରେ ରଖି ପ୍ରଧାନ ଶିକ୍ଷକ ଚୈତନ୍ୟ ନାଲିଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ଆସି ମନ୍ଦିର ପରିସର ସଫା କରିଥିଲେ। ପିଲାମାନଙ୍କ ସହ ଶିକ୍ଷକ ପଦ୍ମନାଭ ମାଝି ଓ ରମାକାନ୍ତ ବେଉରିଆ ମଧ ସାମିଲ ହୋଇଥିଲେ। ଛାତ୍ରମାନଙ୍କ ଏହି କାର୍ଯ୍ୟକୁ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

### ଯ୍ୟୁକୋ ପାର୍କ ପରିଦର୍ଶନ କଲେ କେନ୍ଦ୍ରୀୟ ଦଳ



**ଚିତ୍ରକୋଣ୍ଡା,୯।୧ (ଡି.ଏନ.ଏ.):** ଚିତ୍ରକୋଣ୍ଡା ପର୍ଯ୍ୟଟନ ସ୍ଥଳୀ ଯ୍ୟୁକୋ ପାର୍କକୁ କେନ୍ଦ୍ର ସରକାରଙ୍କ ଗ୍ରୀନ ସ୍କିଲ୍ ଉନ୍ନୟନ କାର୍ଯ୍ୟକ୍ରମର ଏକ ପର୍ଯ୍ୟବେକ୍ଷକ ଦଳ ପରିଦର୍ଶନ କରିଛନ୍ତି। ଯ୍ୟୁକୋ ପାର୍କ ବିକାଶ ଲାଗି ଆଲୋଚନା କରିବା ସହ ସେମାନେ ପାର୍କର ସମସ୍ତ ସ୍ଥାନ ବୁଲି ଦେଖିଥିଲେ। ଏଥିସହ ପାର୍କର ବିଭିନ୍ନ ସମସ୍ୟା ଉପରେ ବନାଞ୍ଚଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଯ୍ୟୁକୋ ପାର୍କର ଉନ୍ନୟନ ପାଇଁ ଭିତରେ ଥିବା ଜଳାଶୟଗୁଡିକର ସୁଦୃଢୀକରଣ, ଜଳାଶୟରେ ଥିବା କୁମ୍ଭୀରଙ୍କ ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା, ସେମାନଙ୍କ ବଂଶବୃଦ୍ଧି, ସଂରକ୍ଷଣ ଆବଶ୍ୟକତା, ଟଏ ଟ୍ରେନ ଉପରେ ମଧ ଆଲୋଚନା ହୋଇଥିଲା ବୋଲି ବନାଞ୍ଚଳ ଅଧିକାରୀ ବଲରାମ ନାୟକ ଓ ବନପାଳ ମୃତ୍ୟୁଞ୍ଜୟ ସେଠୀ କହିଛନ୍ତି।

# ମାଲକାନଗିରି: ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ


ମାଲକାନଗିରି ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବରେ ମଞ୍ଚାସୀନ ଅତିଥିମାନେ।


କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ମାଲକାନଗିରି,୯।୧ (ଡି.ଏନ.ଏ.)**

ମାଲକାନଗିରି ବ୍ଲକ ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଉଦ୍ଘାଟିତ ହୋଇଯାଇଛି । ପ୍ରଥମେ ତମସା ନଦୀରୁ ଅତିଥିମାନେ ଜଳ ସଂଗହ କରିବା ପରେ ପୂଜାର୍ଚ୍ଚନା କରାଯାଇଥିଲା । ଏଥିରେ ବିଧାୟକ ମାନସ ମାଡ଼କାମି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି, ଜିଲା ପରିଷଦ ପୂର୍ବତନ ଅଧକ୍ଷ ଗଙ୍ଗାଧର ବୁରୁଦା, ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା, ଉପଜିଲାପାଳ ରାମେଶ୍ୱର ପ୍ରଧାନ, ବିଡିଓ ଗୁଣନିଧି ନାୟକ ପ୍ରମୁଖଙ୍କ ସମେତ ବ୍ଲକସ୍ତରୀୟ ଅଧିକାରୀ, ୧୯ଟି ପଞ୍ଚାୟତଗୁଡିକର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ବିଭିନ୍ନ ଆଦିବାସୀ ନୃତ୍ୟ ଓ ବାଦ୍ୟର ତାଳେତାଳେ ଏକ ଶୋଭାଯାତ୍ରାରେ ଜଳକଳସ ସ୍ଥାନୀୟ ଜଗନ୍ନାଥ ମନ୍ଦିରଠାରେ ପହଞ୍ଚିଥିଲା । ସେଠାରେ ପୂଜାର୍ଚ୍ଚନା ପରେ ସହର ପରିକ୍ରମା କରି ଏହି କଳସ ବ୍ଲକ ପଡ଼ିଆସ୍ଥିତ ମଞ୍ଚ ନିକଟରେ ପ୍ରତିଷ୍ଠା କରାଯାଇଥିଲା। ସନ୍ଧ୍ୟାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହୋଇଥିଲା । ଏଥିରେ ବିଧାୟକ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷ ପଡିଆମି, ଆଦିବାସୀ ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା,ଉପଜିଲାପାଳ ପ୍ରଧାନ, ବ୍ଲକ ଅଧ୍ୟକ୍ଷ ଅକ୍ଷୟ ନାୟକ, ଉପାଧ୍ୟକ୍ଷାଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଏବଂ ସାଂସ୍କୃତିକ ଦଳକୁ ଅତିଥିମାନେ ପୁରସ୍କୃତ କରିଥିଲେ । ପରେ ଛାତ୍ରୀଛାତ୍ରମାନେ ଆଦିବାସୀ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

## ଯୁବକଙ୍କୁ ମାଓବାଦୀଙ୍କ ହତ୍ୟା

**ମାଲକାନଗିରି,୯।୧ (ଡି.ଏନ.ଏ.)**

ମାଲକାନଗିରି ଜିଲାରେ ମାଓବାଦୀମାନେ ଜଣେ ଯୁବକଙ୍କୁ ହତ୍ୟା କରିଛନ୍ତି। ଏହି ଯୁବକ ଜଣକ ସ୍ୱାଭିମାନ ଅଞ୍ଚଳର ଶଙ୍କର ମୁଦୁଲି ବୋଲି ଜଣାପଡିଛି। ଏନେଇ ମାଲକାନଗିରି ପୋଲିସ ନିକଟରେ କୌଣସି ସୂଚନା ନାହିଁ। ତେବେ ଘଟଣାର ତଦନ୍ତ କରାଯିବ ବୋଲି ଏସପି ଜଗମୋହନ ମିନା କହିଛନ୍ତି। ଚିତ୍ରକୋଣ୍ଡା ବ୍ଲକ ଅଣ୍ଡ୍ରାପାଲ୍ଲି ପଞ୍ଚାୟତ ତାବେର ଗ୍ରାମରେ ମାଓବାଦୀମାନେ ପ୍ରଜାକୋର୍ଟ କରି ପୋଲିସକୁ ସହଯୋଗ କରୁଥିବା ଅଭିଯୋଗରେ ଶଙ୍କରଙ୍କୁ ହତ୍ୟା କରିଥିବା ସୂଚନା ମିଳିଛି। ମାଓବାଦୀ ନେତା ସୁଧୀରଙ୍କ ନିର୍ଦ୍ଦେଶରେ ଏହି ହତ୍ୟାକାଣ୍ଡ ଘଟିଥିବା କୁହାଯାଉଛି। ଶଙ୍କର ପୋଲିସକୁ ସହଯୋଗ କରି ଏହି ଅଞ୍ଚଳର ଲୋକଙ୍କୁ ଲାଲବାହିନୀ ଛାଡିବା ପାଇଁ ପ୍ରର୍ବୋଉଥିବା ମାଓବାଦୀମାନେ ଖବର ପାଇଥିଲେ। ପୂର୍ବରୁ ଶଙ୍କର ମିଲିସିଆ ଭାବେ କାମ କରୁଥିଲେ। ସେ ନିକଟରେ ଲାଲବାହିନୀ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ସହ ମାଓବାଦୀ ହିଂସା ଓ ଗତିବିଧିକୁ ବିରୋଧ କରୁଥିଲେ।

## ବ୍ଲକସ୍ତରୀୟ ମାଲ୍ୟବନ୍ତ କ୍ରୀଡ଼ା ପ୍ରତିଯୋଗିତା

**ଖଇରପୁଟ, ୯।୧ (ଡି.ଏନ୍.ଏ.)**

ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପରିପ୍ରେକ୍ଷୀରେ ବୁଧବାର ମାଲକାନଗିରି ଜିଲା ଖଇରପୁଟ ବ୍ଲକର ସଦର ମହକୁମାସ୍ଥିତ ଶିବମନ୍ଦିର ପାର୍ଶ୍ୱରେ ଭଲିବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିଶ୍ୱଜିତ୍ ବର୍ମନ ଟୁର୍ନାମେଣ୍ଟକୁ ଉଦ୍ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ କଦମଗୁଡା, ଗୋବିନ୍ଦପାଲି, ଅଣ୍ଡ୍ରାହାଲ, ମାଡକାପଦର, ବଡଡୁରାଲ, ମୁଦୁଲିପଡା, ଖଇରପୁଟ, ରାସବେଡା, ପୋଡାଘାଟା, କୁଡୁମୁଲୁଗୁମ୍ମା, ପରକନମାଳା ଦଳ ଅଂଶଗ୍ରହଣ କରିଥିଲେ। ଆସନ୍ତାକାଲି ଅଣ୍ଡ୍ରାହଲ ଓ ରାସବେଡା ମଧ୍ୟରେ ଫାଇନାଲ ମ୍ୟାଚ୍ ହେବ। ନେତାଜୀ ସୁବାଷ ବୋଷ କ୍ଲବ ଆନୁକୂଲ୍ୟରେ ଟୁର୍ନାମେଣ୍ଟ ହେଉଛି। ସେହିପରି ବ୍ୟାଡମିଣ୍ଟନ, ଦୌଡ଼, ଉଚ୍ଚଡିଆଁ, ଲମ୍ଫଡିଆଁ କ୍ରୀଡା ମଧ ଅନୁଷ୍ଠିତ ହୋଇଛି। ଗୁରୁବାର ଏଠାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଅନୁଷ୍ଠିତ ହେବ।

# ମାଲକାନଗିରି ଜିଲାରେ ବନ୍ଦ ଆଂଶିକ ସଫଳ

**ମାଲକାନଗିରି, ୯।୧(ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଶ୍ରମିକ, କର୍ମଚାରୀ ଓ କୃଷି ନୀତିକୁ ବିରୋଧ କରି ଦେଶର ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ଦିଆଯାଇଥିବା ୨ ଦିନିଆ ଧର୍ମଘଟ ଡାକରାର ଦ୍ୱିତୀୟ ଦିନରେ ବୁଧବାର ମାଲକାନଗିରି ଜିଲାରେ ଆଂଶିକ ପ୍ରଭାବ ପଡ଼ିଛି। ଏହି ଧର୍ମଘଟକୁ ଓଡ଼ିଶାର ବିଭିନ୍ନ ରାଜନୈତିକ ଦଳ ଓ ବାମଦଳଗୁଡ଼ିକ ସମର୍ଥନ କରୁଥିବା ସତ୍ତ୍ୱେ ଏହାର ବିଶେଷ ପ୍ରଭାବ ପଡ଼ିନାହିଁ। ସିଆଇଟିୟୁ ଏବଂ ସିପିଆଇ (ଏମ୍) ପକ୍ଷରୁ ଏହି ବନ୍ଦକୁ ସମର୍ଥନ କରାଯାଇଛି । ଜିଲା ସଦର ମହକୁମାରେ ସିଆଇଟିୟୁ ଏବଂ ସିପିଆଇ(ଏମ୍) ନେତାମାନେ ଧାରଣା ଦେଇଥିଲେ। ସିପିଆଇ(ଏମ୍) ଜିଲା ସମ୍ପାଦକ ବ୍ରଜ ମାଝିଙ୍କ ନେତୃତ୍ୱରେ କର୍ମୀମାନେ ସ୍ଥାନୀୟ ବସ୍ଷ୍ଟାଣ୍ଡ ନିକଟରେ ରାସ୍ତା ଅବରୋଧ କରିଥିଲେ । ତେଣୁ କିଛିଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ମାଲକାନଗିରି- ଜୟପୁର ମଧ୍ୟରେ ଯାନବାହନ ଚଳାଚଳ ବନ୍ଦ ରହିଛି । ଜିଲା ସଦର ମହକୁମା ସମେତ ୭ଟି ବ୍ଲକ ଏବଂ ଅନ୍ୟ ସହରରେ ଦୋକାନବଜାର ଖୋଲା ରହିଛି । ବିଭିନ୍ନ ବ୍ୟାଙ୍କ ସମେତ ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।


ସିପିଆଇ(ଏମ୍) ପକ୍ଷରୁ ବନ୍ଦକୁ ସମର୍ଥନ କରି ଦଳ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

# ଲୋକକଳାର ପ୍ରଚାର ପ୍ରସାର କରୁଛି ମାଲ୍ୟବନ୍ତ



ବାହାରିଥିବା କଳସ ଶୋଭାଯାତ୍ରା


ନାଚରେ ବିଭୋର ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି ।

**ମାଥିଲି, ୯।୧ (ସ୍ୱ.ପ୍ର)**

ମାଲକାନଗିରି ଜିଲା ମାଥିଲି ବ୍ଲକରେ ବୁଧବାର ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ପାଳିତ ହୋଇଯାଇଛି। ଆଞ୍ଚଳବାସୀ, ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଢେମସା ନାଚ ପରିବେଷଣ ସମସ୍ତଙ୍କ ମନ ମୋହିଥିଲା। ପ୍ରଥମେ ଥାନା ପରିସରରେ ଥିବା ମା ' ଭୈରବୀଙ୍କ ପୀଠରୁ ପାଙ୍ଗାମ ନଦୀରୁ ଉଠାଯାଇଥିବା ଜଳ କଳସକୁ ପୂଜାର୍ଚ୍ଚନା ପରେ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇଥିଲା । ପରେ ଖେଳପଡିଆଠାରେ ପହଞ୍ଚିବା ପରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହୋଇଥିଲା । ଏଥିରେ ବିଡିଓ ଆଶିଷ କୁମାର ଭୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ନାୟକ, ସମ୍ମାନିତ ଅତିଥି ରୂପେ ଜିଲା ପରିଷଦ ସଭ୍ୟ ବାଲରାଜୁ କପେ, କୁଶ ତାତି, ସଭ୍ୟା ଶାନ୍ତିଲତା ମାଝି, ତହସିଲଦାର ମାଘବାନ ବାଗ, ଆଇଆଇସି ଜନ ଖୁଜୁର, ଶରତ ବୁରୁଦା ପ୍ରମୁଖ ଉପସ୍ଥିତ ଥିଲେ । ଅଞ୍ଚଳର ଲୁକ୍କାୟିତ ଆଦିବାସୀ କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ମାଲ୍ୟବନ୍ତ ମହୋତ୍ସବ ପ୍ରମୁଖ ଭୂମିକା ଗ୍ରହଣ କରୁଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଡବ୍ଲ୍ୟୁଇଓ ଶଶିକାନ୍ତ ସାମନ୍ତରାୟ, ସିଆରସିସି ଜୟନ୍ତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲା ପରିଷଦ ସଭ୍ୟ ଉଦୟ ମାଦ୍ରୀ, ବିଏସଏସଓ ଜ୍ୟୋତ୍ସ୍ନାରାଣୀ ପାତ୍ର, ଏମଆଇ ହୃଷୀକେଶ ମାଝି , ଏବିଡିଓ ସରୋଜ କୁମାର ପ୍ରଧାନ, ଏପିଓ ଉଚ୍ଛବ ଗିରି, ଜିପିଇଓ ସୁଶାନ୍ତ ବେହେରା, ମାଥିଲି ସରପଞ୍ଚ ଗୌରୀ ବଟେ , ପାଙ୍ଗାମ ସରପଞ୍ଚ ଉଜ୍ଜ୍ୱଳା ପେରେମା, ଦଳପତିଗୁଡା ସରପଞ୍ଚ ଡମ୍ବୁ ନାୟକ, କର୍ତ୍ତନପାଲି ସରପଞ୍ଚ ଫୁଲମତୀ ଜିରାମ, ଚେଡେଙ୍ଗା ସରପଞ୍ଚ ବଳରାମ ନାୟକ, ଭାଗ୍ୟଲକ୍ଷ୍ମୀ ଚୌଧୁରୀ, ଲକ୍ଷ୍ମୀ ପୂଜାରୀ, ପିଇଓ ଅଶୋକ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସେଲ୍ଫି କର୍ଣ୍ଣର


@ ବୈକୁଣ୍ଠନାଥ


@ ଏସ୍ଏସ୍


@ ଦେବା


@ ଦେବେନ୍ଦ୍ର

ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
rgdselfie@gmail.com
(ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଜାନୁୟାରୀ ୧୦/୨୦୧୯ Rayagada, Thursday, January 10 / 2019

■ ତେଜିବାରେ ଲାଗିଛି ଜିଲାଭିତ୍ତିକ ନିଯୁକ୍ତି ଦାବି

# ମିଳିତ ସଂଘର ଗଣଧାରଣା

**ନବରଙ୍ଗପୁର,୯।୧(ଡି.ଏନ.ଏ.)**

ଜିଲା ଭିତ୍ତିକ ନିଯୁକ୍ତି ଦାବି କରି ମିଳିତ ସଂଘ ପକ୍ଷରୁ ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯାଇଛି । ଜିଲା କଂଗ୍ରେସ ଓ ନବରଙ୍ଗପୁର ଜିଲା ବିକାଶ ପରିଷଦ ସମର୍ଥନ ଜଣାଇ ଧାରଣାରେ ଯୋଗ ଦେଇଛନ୍ତି । ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେସନ (ଡିୱାଇଏଫଆଇ), ଶିକ୍ଷିତ ବେକାରୀ ସଂଘ, ଆଦିବାସୀ ଅଧିକାର ମଞ୍ଚ ଓ ଗଣ୍ଡୋୱାନା ଛାତ୍ର ସଙ୍ଗଠନ ପକ୍ଷରୁ ମିଳିତ ଭାବେ ଏହି ଗଣଧାରଣ ଦିଆଯାଇଛି । ଅନୁଷ୍ଠାନର ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନର ସଂଯୋଜକ ରାଜେସ ଜାନୀ, ସମ୍ପାଦକ ଚତୁର ସିଂ ହରିଜନ, ଜିଲା ଗୋଣ୍ଡୱାନା ଛାତ୍ର ସଂଘର ସଭାପତି ଅଶ୍ୱିନୀ କୁମାର ଗଣ୍ଡ, ସମ୍ପାଦକ ଚନ୍ଦନ ଗଣ୍ଡ, ଶିକ୍ଷିତ ବେକାରୀ ସଂଘର ସଭାପତି ଚିଙ୍କା ଭତ୍ରା, ସମ୍ପାଦକ ଗୋପାଳ ସୌରାଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଛି । ଏଥିରେ ପିସିସି କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଏମପି ପ୍ରଦୀପ ମାଝୀ,


ମିଳିତ ସଂଘର ସଦସ୍ୟମାନେ ଧାରଣାରେ ବସିଛନ୍ତି।

■କଂଗ୍ରେସ ଓ ନବରଙ୍ଗପୁର ଜିଲା ବିକାଶ ପରିଷଦ ପକ୍ଷରୁ ସମର୍ଥନ
■ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ ନିଷ୍ପତ୍ତି

ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପୂର୍ବତନ ବିଧାୟକ ସଦନ ନାୟକ, ଜିଲା ଆଦିବାସୀ କଂଗ୍ରେସ ସଭାପତି ଅଖିଳ ଭତ୍ରା, ପଶ୍ଚିମାଞ୍ଚଳ କଂଗ୍ରେସ ଜୋନାଲ ସଂଖ୍ୟାଲଘୁ ସେଲର ଅଧକ୍ଷ ଅବଦୁଲ ଫିରୋଜ, ଜିଲା ସଂଖ୍ୟାଲଘୁ ପରିଷଦର ସଭାପତି ସୁଧିର ପାତ୍ର, ଜୟପ୍ରକାଶ ଜନତାଦଳ ରାଜ୍ୟ ଉପସଭାପତି ଲକ୍ଷ୍ମୀ ଚନ୍ଦ୍ର ଟାକ୍ରୀ ପ୍ରମୁଖ ସମର୍ଥନ ଜଣାଇ ରାଜ୍ୟ ସରକାରଙ୍କ ରାଜ୍ୟ ଭିତ୍ତିକ ନିଯୁକ୍ତି ପ୍ରକ୍ରିୟାକୁ ବିରୋଧ କରି ସମାଲୋଚନା କରିଥିଲେ । ଜିଲାର ଅନେକ ଶିକ୍ଷିତ ଯୁବତୀଯୁବକମାନେ ନିଯୁକ୍ତି ସୁଯୋଗ ନପାଇ ଦାଦନ ଘଟିବାକୁ ଯାଉଛନ୍ତି । ଜିଲା ଭିତ୍ତିକ ନିଯୁକ୍ତି ପାଇଁ ଦୀର୍ଘ ୫ ବର୍ଷ ହେବ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଉ ନାହାନ୍ତି। ଏନେଇ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି।

## ସଂକ୍ଷେପରେ



### କାଳିଆ ଯୋଜନାରେ ସାମିଲ ପାଇଁ ଚାଷୀଙ୍କ ଭିଡ

**ଡାବୁଗାଁ, ୯।୧ (ଡି.ଏନ.ଏ.):** ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକର ବିଭିନ୍ନ ପଞ୍ଚାୟତରେ କାଳିଆ ଯୋଜନାରେ ସାମିଲ ହେବା ନେଇ ଚାଷୀଙ୍କ ଭିଡ ଜମୁଛି । ପୂର୍ବରୁ ବ୍ଲକର ୧୨ଟି ପଞ୍ଚାୟତ କାର୍ଯ୍ୟାଳୟରେ ନାମମାତ୍ର ଚାଷୀ ଓ କ୍ଷୁଦ୍ରଚାଷୀ ମାନଙ୍କ ତାଲିକା ପ୍ରକାଶ କରାଯାଇଥିଲା । ଏହି ତାଲିକାରେ ବାଦ ପଡିଥିବା ଚାଷୀ ସବୁଜ ରଙ୍ଗର ଫର୍ମରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଆବେଦନ କରୁଛନ୍ତି । ଏହି ସମସ୍ତ କାର୍ଯ୍ୟକୁ ତଦାରଖ ପାଇଁ ସହକାରୀ କୃଷି ଅଧିକାରୀ ଦୁର୍ଯ୍ୟୋଧନ ଜାନୀ ଦାୟିତ୍ୱରେ ରହିଛନ୍ତି। ବୁଧବାର ପର୍ଯ୍ୟନ୍ତ ସବୁଜ ରଙ୍ଗର ଫର୍ମରେ ୪୨୪୩ ଚାଷ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ଆବେଦନ କରିଥିବା ବେଳେ ୧୪ ଜଣ ଲାଲ ରଙ୍ଗର ଫର୍ମରେ ନିଜର ନାମ ବାଦ ଦେବା ପାଇଁ ଆବେଦନ କରିଥିବା ବ୍ଲକ କାର୍ଯ୍ୟାଳୟରୁ ସୂଚନା ମିଳିଛି।

### ଦୁର୍ଘଟଣାରେ ଜଣେ ଗୁରୁତର

**ପାପଡାହାଣ୍ଡି,୯।୧(ଡି.ଏନ.ଏ):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୃଗ ବିହାର ନିକଟରେ ବୁଧବାର ଏକ ବାଇକ ଓ ବାଛୁରୀ ମଧ୍ୟରେ ଦୁର୍ଘଟଣା ହୋଇ ବାଇକ ଚାଳକ ଗୁରୁତର ଆହତ ହୋଇଥିବା ବେଳେ ଘଟଣାସ୍ଥଳରେ ବାଛୁରୀର ମୃତ୍ୟୁ ହୋଇଛି। ଡାବୁଗାଁର ସୁବ୍ରତ ପରିଡା ଓ ପୀତବାସ ଜାନୀ ଏକ ବାଇକରେ ନବରଙ୍ଗପୁରରୁ ଡାବୁଗାଁ ଫେରିବା ବେଳେ ଏହି ଦୁର୍ଘଟଣା ହୋଇଥିଲା ।ସୁବ୍ରତଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିସାହାଯ୍ୟାଳୟ ରେ ଭର୍ତ୍ତି କରାଯାଇଛି । ଘଟଣା ସ୍ଥଳରେ ପାପଡାହାଣ୍ଡି ପୋଲିସ ପହଞ୍ଚି ତଦନ୍ତ କରୁଛି।

### କଂଗ୍ରେସର ଜୋନସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ



**ଉମରକୋଟ, ୯।୧(ଡି.ଏନ.ଏ):** ଉମରକୋଟ ବ୍ଲକ ଅନ୍ତର୍ଗତ ସିଂସାରୀଠାରେ ବୁଧବାର କଂଗ୍ରେସର ଜୋନସ୍ତରୀୟ କାର୍ଯ୍ୟକର୍ତ୍ତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ଏମପି ପ୍ରଦୀପ ମାଝି ଯୋଗ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କୁ ଲୁଟ୍ କରୁଛନ୍ତି। ଯୋଜନା କମ ପ୍ରଚାର ବେଶି କରୁଛନ୍ତି ବୋଲି କହିଛନ୍ତି। ଏଥିରେ କଂଗ୍ରେସ ଜିଲା ସଭାପତି ମୁନା ତ୍ରିପାଠୀ, ବିଧାୟକ ଭୁଜବଳ ମାଝି, ଉଲଧର ମାଝି, ତପନ ଦେବନାଥ, ଅଖିଲ ଭତ୍ରା, ହେମନ୍ତ ଗରଦା, ଏମ. ଗଫୁର, ମହେଶ୍ୱର ଭାତ୍ରା, ହେମନ୍ଦ ଗରଦା, ଯୁଜେଷ୍ଟି ଦୋଲେଇ, କପୁର ଚନ୍ଦ୍ର ନାୟକ, ସାଇରାଜୁ, କୁନା ସାହୁ, ଖଗପତି ନାୟକ, ମହେନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସିଂସାରି ଛତିଶଗଡ ସୀମାକୁ ଏହି ପଞ୍ଚାୟତ ଲାଗି ରହିଥିବାବେଳେ ଛତିଶଗଡରେ କଂଗ୍ରେସ ବିଜୟଲାଭ କରିଥିବାବେଳେ ତାହାର ପ୍ରଭାବ ଏହିସବୁ ଅଞ୍ଚଳରେ ପଡିବ ବୋଲି କଂଗ୍ରେସ ନେତାମାନେ ଆଶାବାଦୀ ରହିଛନ୍ତି। ଏହି ସାଧାରଣ ସଭାରେ ପ୍ରାୟ ୫୦୦୦ ହଜାର ଜନସାଧାରଣଙ୍କ ସମାବେଶ ହୋଇଥିଲା।

### ନବରଙ୍ଗପୁରରେ ବନ୍ଦ ଆଂଶିକ ପ୍ରଭାବ

**ନବରଙ୍ଗପୁର, ୯।୧(ବି.ପ୍ର):** ଭାରତ ବନ୍ଦ ପାଳନର ଦ୍ୱିତୀୟ ଦିନରେ ନବରଙ୍ଗପୁର ଜିଲାରେ ଆଂଶିକ ପ୍ରଭାବ ପଡିଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ସମସ୍ତ ସ୍କୁଲ ବନ୍ଦ ରହିଥିଲା । ଗାଡି ମଟର ଚଳାଚଳ ବନ୍ଦ ରହିଥିଲେ ହେଁ ଦୋକାନ ବଜାର ଖୋଲା ରହିଥିଲା । ଯାତ୍ରୀବାହି ଗାଡି ଚଳାଚଳ ବନ୍ଦ ରହିଥିବାରୁ ଜନସାଧାରଣ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ ।

# ନାବାଳିକା ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ୭ ବର୍ଷ ଜେଲ

**ନବରଙ୍ଗପୁର,୯।୧(ବି.ପ୍ର.)**

ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ବିଚାର କରି ଅତିରିକ୍ତ ଦୌରା ଜଜ୍ ବେଣୁଧର ପାତ୍ର ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ହଳଦୀ ଗାଁର ଅଭିଯୁକ୍ତ ଲୋକେସ ବନସଲଙ୍କୁ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମନାରେ ଦଣ୍ଡିତ କରିଛନ୍ତି । ଜରିମନା ଅନାଦେୟ ଆଉ ଅଧିକ ୩ ମାସ କାରାଦଣ୍ଡ ଭୋଗିବେ ବୋଲି ରାୟ ପ୍ରକାଶ କରିଛନ୍ତି। ୨୦୧୩ ଏପ୍ରିଲ ୨୨ ତାରିଖରେ ନାବାଳିକା ଜଣଙ୍କ ଘରେ ଶୋଇଥିବା ସମୟରେ ଲୋକେସ ତାଙ୍କୁ ଘରୁ ଉଠାଇ ନେଇ ଚାଲି ଯାଇଥିଲେ । ପରିବାର ଲୋକ ବହୁ ଖୋଜାଖୋଜି କରି ପାଇନଥିଲେ । ପରେ ପରିବାର ଲୋକ ଖବର ପାଇଲେ ଯେ ଲୋକେସ ନାବାଳିକାକୁ ଆନ୍ଧ୍ର ପ୍ରଦେଶକୁ ନେଇ ସେଠାରେ କାମ କରୁଛି । ସେଠାରେ ସେ ନିୟମିତ ଶାରିରିକ ସମ୍ପର୍କ ରଖିଥିବା ନାବାଳିକା ଜଣକ ଘରକୁ ଫେରିବା ପରେ କହିଥିଲେ । ଏନେଇ ପରିବାର ଲୋକ ଚନ୍ଦାହାଣ୍ଡି ଥାନାରେ ୨୦୧୩ ଜୁଲାଇ ୮ ତାରିଖରେ ଏତଲା ଦେଇଥିଲେ । ଥାନାରେ ନଂ. ୮୫/୧୩ ରୁଜୁ କରାଯାଇ ଅଭିଯୋଗ ଫର୍ଦ୍ଦ କୋର୍ଟରେ ପୋଲିସ ଦାଖଲ କରିଥିଲା । କୋର୍ଟ କେସ ନମ୍ବର ୧୬୭/୧୩ ରୁଜୁ ହୋଇ ମାମଲାଟି ବିଚାରାଧିନ ଥିଲା । ୧୫ ଜଣ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଅତିରିକ୍ତ ଜିଲା ଜଜ୍ ତଥା ପୋସ୍କ ଜଜ୍ ବେଣୁଧର ପାତ୍ର ଉପରୋକ୍ତ ରାୟ ଶୁଣାଇଛନ୍ତି । ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ସଚିନନ୍ଦନ ସ୍ୱାଇଁ ଉକ୍ତ ମାମଲା ପରିଚାଳନା କରୁଥିଲେ ।

# ପରିମଳ ସେବା ଗାଡିର ଶୁଭାରମ୍ଭ


ପରିମଳ ସେବା ଗାଡିକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଉଛି।

**ରାଇଘର ୯।୧ (ଡି.ଏନ.ଏ)**

ନବରଙ୍ଗପୁର ଜିଲା ରାଇଘର ପଞ୍ଚାୟତର ପରିମଳ ସେବା ଗାଡିର ବୁଧବାର ଶୁଭାରମ୍ଭ ହୋଇଛି । ବିଡିଓ ଦେବୀ ପ୍ରସାଦ ଟାଲି ପତାକା ଦେଖାଇ ଗାଡିର ଶୁଭାରମ୍ଭ କରିଥିଲେ ।ଏହି ଗାଡି ପଞ୍ଚାୟତର ବିଭିନ୍ନ ସ୍ଥାନରେ ପଡିଥିବା ଅଳିଆ ଆବର୍ଜନା ଉଠାଇବ। ରାଇଘର ପଞ୍ଚାୟତର ମୁଖ୍ୟ ବଜାର ଦେଇ ଛତିଶଗଡ ସଂଯୋଗ ହୋଇଛି । ଏହି ରାସ୍ତା ଦେଇ ଗାଡି ଯାତାୟତ କରିବା ଫଳରେ ନାନା ପ୍ରକାର ଅଳିଆ ଆବର୍ଜନା ରାସ୍ତାରେ ପଡି ରହୁଛି । ଏହା ସହ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନ ବଜାର ୨କି.ମି ପର୍ଯ୍ୟନ୍ତ ରହିଛି। ସେହିପରି ରାଇଘରର ସାପ୍ତାହିକ ହାଟ ଓ ଦୈନିକ ହାଟରେ ପରିବା ବେପାରୀ ବସି ଅଳିଆ ଆବର୍ଜନା ପକାଇଥାନ୍ତି। ଫଳରେ ରାସ୍ତାରେ ଆବର୍ଜନା ଜମିବାରେ ଲାଗିଛି। ଏହି ଆବର୍ଜନ ହଟାଇବା ପାଇଁ ସରପଞ୍ଚ ସାତ ମାଝୀ ସଭ୍ୟମାନଙ୍କ ସହ ଏକ ବୈଠକ କରି ପରିମଳ ସେବା ଗାଡିର ବ୍ୟବସ୍ଥା କରିଥିଲେ। ଏହି ଗାଡି ପ୍ରତ୍ୟେକ ଦିନ ବଜାର ଓ ସାହି ପରିକ୍ରମା କରିବ ବୋଲି ଜଣାପଡିଛି । ଏହି ଗାଡିର ଶୁଭାରମ୍ଭରେ ଉପାଧକ୍ଷ ବିସୁ ସିଲ, ସୁଶାନ୍ତ ସାମନ୍ତରାୟ, ସମସ୍ତ ସଭ୍ୟ, ବ୍ଲକ କର୍ମଚାରୀ ଓ ପିଓ ଅଜୀତ କୁମାର ନନ୍ଦ ଉପସ୍ଥିତ ରହି ଗାଡିର ଶୁଭାରମ୍ଭ କରିଥିଲେ।

# ୧୯୯୧-୯୨ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ରାଇଘର,୯।୧(ଡି.ଏନ.ଏ)**

ନବରଙ୍ଗପୁର ଜିଲା ରାଇଘର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୯୯୧-୯୨ ମସିହାରେ ମାଟ୍ରିକ ପଢୁଥିବା ଛାତ୍ରୀଛାତ୍ରଙ୍କ ବୁଧବାର ସରଗୁଲି ବନବିଭାଗର ନର୍ସରୀ ନିକଟରେ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି । ଏହି ବନ୍ଧୁମିଳନରେ ତିନି ଜଣ ଅବସର ପ୍ରାପ୍ତ ଶିକ୍ଷକ ଯୋଗ ଦେଇଥିଲେ । ଏହି ବ୍ୟାଚର ଜିତେନ୍ଦ୍ର ଫୁଲଭାଟି,ଶରତ ବାରିକ, କୁନା ଦାସ ପ୍ରମୁଖ ଏହାର ଆୟୋଜନ କରିଥିଲେ। ନବ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ ଜଣାଇ ଗୁରୁ ପୂଜା କରିଥିଲେ । ଶିକ୍ଷକ ଓ ଗୁରୁଙ୍କ ମଧ୍ୟରେ କିପରି ସମ୍ପର୍କ ରହିବା ଆବଶ୍ୟକ ତାହା ଆଜି ଦେଖିବାକୁ ମିଳୁଛି ବୋଲି ଶିକ୍ଷକମାନେ କହିଥିଲେ। ଶିକ୍ଷକତା ସମୟରେ ଛାତ୍ରୀଛାତ୍ରଙ୍କୁ ଦିଆଯାଇଥିବା ଶିକ୍ଷାଦାନର ତାହାର ପ୍ରମାଣ ଆଜି ମିଳିଛି ବୋଲି ଶିକ୍ଷକ ଲକ୍ଷ୍ମୀକାନ୍ତ ରଥ କହିଥିଲେ। ଏଥି ପାଇଁ ଆମେ ବହୁତ ଆନନ୍ଦିତ ବୋଲି ଶିକ୍ଷକ ରଥ, ପ୍ରଫୁଲ ପଟନାୟକ ଓ ଶିକ୍ଷକ ଅଭିରାମ ପାଣ କହିଥିଲେ। ଏହି ଭାଇଚାରା ସବୁବେଳେ ରହୁ ବୋଲି ସମସ୍ତଙ୍କୁ ଶିକ୍ଷକମାନେ ଆର୍ଶିବାଦ କରିଥିଲେ ।


ଅବସରପ୍ରାପ୍ତ ଶିକ୍ଷକଙ୍କ ସହ ପୁରାତନ ଛାତ୍ରୀଛାତ୍ର।

### ସାଧାରଣତନ୍ତ୍ର ଦିବସ ପାଳନ ନେଇ ବୈଠକ

**ଉମରକୋଟ,୯।୧(ଡି.ଏନ.ଏ)**

ସ୍ଥାନୀୟ ମିନିଷ୍ଟାଡିୟମ ଡିଏନକେଠାରେ ସାଧାରଣତନ୍ତ୍ର ଦିବସ ପାଳନ କରିବା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ଧର୍ମରାଜ ମାଝି ଏଥିରେ ଅଧକ୍ଷତା କରିଥିଲେ। ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପରେଡ କିପରି ସୁରୁଖୁରରେ ପରିଚାଳନା ହୋଇପାରିବ ଆଲୋଚନା କରାଯାଇଥିଲା ।ଏଥିରେ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ପ୍ରଧାନଶିକ୍ଷକ, ପେଣ୍ଡ୍ରାଣୀ ମହାବିଦ୍ୟାଳୟର ଅଧ୍ୟାପକ, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ, ସ୍ଥାନୀୟ ବନଅଧିକାରୀ, କାରାଗାର ଅଧକ୍ଷ, ପୋଲିସ ଅଧିକାରୀ,ଓକିଲ ପ୍ରଶାନ୍ତ କୁମାର ସାହୁ, ରାମ ନାୟକ, ଖାଡେଶ୍ୱର ମହାନ୍ତି, ଶ୍ରିନିବାସ ପଟ୍ଟନାୟକ, ସଭ୍ୟ ଦୁର୍ଗା ମଲ୍ଲିକ, କାଳୁ ପଣ୍ଡା, ନିରଞ୍ଜନ ମିଶ୍ର, ପୋପୁ ଜିଲାନି ଉପସ୍ଥିତ ରହିବିଭିନ୍ନ ମତାମତ ଦେଇଥିଲେ।

# ଦୁର୍ଘଟଣାରେ କଟିଲା ପାଦ

**ଧୋଡ୍ରା,୯।୧(ଡି.ଏନ.ଏ)**

■ଅଟୋ ଡ୍ରାଇଭର ଆହତଙ୍କୁ ଛାଡି ଫେରାର
■ପଥଚାରୀ ଦେଖାଇଲେ ମାନବିକତା

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବିଡ୍ରି ଛକ ନିକଟରେ ବୁଧବାର ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ଗୋଡ ପାଦ କଟି ଯାଇଛି। ବ୍ୟକ୍ତି ଜଣକ ହେଲେ ଡାବୁଗାଁ ବ୍ଲକ ଆମ୍ବାଗୁଡା ଗ୍ରାମର ଲଛମନ ଗୌଡ। ଗୁରୁତର ଅବସ୍ଥାରେ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଡାବୁଗାଁ ବ୍ଲକ ଆମ୍ବାଗୁଡା ଗ୍ରାମର ଲଛମନ ଗୌଡ କେତେ ଜଣଙ୍କ ସହ ରାଇଘର କାମ କରିବାକୁ ଯାଇଥିଲେ। ଶୁକ୍ରବାର ଦିଆଲି ପର୍ବ ଗ୍ରାମରେ ଥିବାରୁ ଏକ ଅଟୋରେ ସେ ଫେରୁଥିଲେ। ତେବେ ଅଟୋରେ ଅଧିକ ଯାତ୍ରୀ ଥିବାରୁ ଲଛମନଙ୍କ ଗୋଡ ବାହାରକୁ ବାହାରି ରହିଥିଲା। ବିଡ୍ରି ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ଅଟୋ ସାଇଡ ଦେବା ସମୟରେ ଲଛମନଙ୍କ ଗୋଡରେ ବାଜିଥିଲା। ଗାଡି ଦ୍ରୁତ ଗତିରେ ଥିବା ଯୋଗୁ ଲଛମନଙ୍କ ପାଦ ସେଠାରେ କଟି ଯାଇଥିଲା। ଦୁର୍ଘଟଣା ଘଟାଇଥିବା ଅଟୋ ଦ୍ରୁତ ଗତିରେ ଚାଲି ଯାଇଥିଲା। ଅନ୍ୟ ପକ୍ଷେ ଲଛମନ ବସିଥିବା ଅଟୋ ଡ୍ରାଇଭର ମଧ୍ୟ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ସମୟରେ ରାସ୍ତାରେ ଯାଉଥିବା ଜଣେ ଯୁବକ ପହଞ୍ଚି ତାଙ୍କୁ ଉକ୍ତ ଅଟୋରେ ନିକଟସ୍ଥ ଧୋଡ୍ରା ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଆହତ ଲଛମନଙ୍କ ଅବସ୍ଥା ଗୁରୁତର ଥିବା ଯୋଗୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପିକଅପ ଭ୍ୟାନ ଓଲଟି ୧୦ ଆହତ

**ନବରଙ୍ଗପୁର/ଧୋଡ୍ରା, ୯।୧(ବି.ପ୍ର./ଡି.ଏନ.ଏ.)**

ନବରଙ୍ଗପୁର ଜିଲା କାରାଗାଁ ଜଙ୍ଗଲ ରାସ୍ତାରେ ଏକ ପିକଅପ ଭ୍ୟାନ ଭାରସାମ୍ୟ ହରାଇ ଓଲଟି ପଡିବାରୁ ୧୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଝରିଗାଁ ବ୍ଲକ ସଂସାରି ଠାରେ ଜିଲା କଂଗ୍ରେସ ପକ୍ଷରୁ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା ବିଭିନ୍ନ ସ୍ଥାନରୁ ଲୋକମାନେ ଏଥିରେ ଯୋଗ ଦେଇଥିଲେ । ବୈଠକ ଶେଷ ପରେ ଏକ ପିକଅପ ଭ୍ୟାନରେ ୩୦ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଘରକୁ ଫେରୁଥିଲେ। ଏହି ସମୟରେ କାରାଗାଁ ଜଙ୍ଗଲ ରାସ୍ତାରେ ଗାଡିଟି ନିୟନ୍ତ୍ରଣ ହରାଇ ଓଲଟି ପଡିଥିଲା । ଏଥିରେ ୧୦ ଜଣ ଆହତ ହୋଇଥିଲେ। ଉକ୍ତ ଗାଡି ପଛରେ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ, ଜିଲା ସଭାପତି ମୁନା ତ୍ରିପାଠୀ, ଡାବୁଗାଁ ବିଧାୟକ ଭୁଜବଳ ମାଝୀ, ପଶ୍ଚିମାଞ୍ଚଳ ସଂଖ୍ୟାଲଘୁ ସେଲ ଅଧକ୍ଷ ଅବଦୁଲ ଫିରୋଜ, ଜିଲା ଆଦିବାସୀ କଂଗ୍ରେସ ସଭାପତି ଅଖିଳ ଭତ୍ରା ପ୍ରମୁଖ ଅନ୍ୟ ଏକ ଗାଡିରେ ଫେରୁଥିଲେ । ଜିଲା ସଭାପତି ତ୍ରିପାଠୀ ତୁରନ୍ତ ଆହତଙ୍କୁ ଧୋଡ୍ରା ପ୍ରାଥମିକ ଚିକିତ୍ସାଳୟକୁ ନେଇଥିଲେ । ସେଠାରେ କୌଣସି ଡାକ୍ତର ନଥିବାରୁ ତୁରନ୍ତ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଚିକିତ୍ସା ପରେ ଆହତମାନେ ଘରକୁ ଫେରି ଯାଇଥିବା ବେଳେ ଗୁରୁତର ମଦନ ଭତ୍ରାଙ୍କୁ ନବରଙ୍ଗପୁର ଜିଲା ସଦର ମହକୁମା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରିଛନ୍ତି।


ଗୁରୁତରଙ୍କୁ ଘଟଣାସ୍ଥଳରୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଛି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

ଧରିତ୍ରୀ
DHARITRI
ରାୟଗଡା, ଗୁରୁବାର, ୧୦ ଜାନୁୟାରୀ,୨୦୧୯



## ସଂକ୍ଷେପରେ

### ଓଲଟିଲା ଆଲୁମିନା ବୋଝେଇ ଗାଡ଼ି



ଟିକିରି, ୯।୧(ଡି.ଏନ୍.ଏ.) ବୁଧବାର ଭୋରରୁ ଟିକିରି ଉତ୍କଳ ଆଲୁମିନା ପଟୁ ବିଶାଖାପାଟଣା ଯାଉଥିବା ଏକ ଆଲୁମିନା ବୋଝେଇ ଗାଡି (ଓଡି-୧୮ଇ-୮୫୮୮) ଶଙ୍କରଡା ପଞ୍ଚାୟତ ଡୋୟାପୁଟ ଗେଟ ବୁଲାଣି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ ଡ୍ରାଇଭର ସାମାନ୍ୟ ଆହତ ହୋଇଛନ୍ତି। ଗତ କିଛିବର୍ଷ ମଧରେ ବାରମ୍ବାର ଆଲୁମିନା ବୋଝେଇ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇ ଅନେକ ଡ୍ରାଇଭର ଓ ହେଲପରଙ୍କର ମୃତ୍ୟୁ ଘଟିଛି। ବାରମ୍ବାର ଦୁର୍ଘଟଣା ଘଟୁଥିଲେ ସୁଦ୍ଧା ପ୍ରଶାସନ ତରଫରୁ କୌଣସି ପ୍ରତିକାର କରାଯାଉ ନଥିବା ଅଞ୍ଚଳବାସୀ କହିଛନ୍ତି।

### ନିଆଁ ଲାଗି ଜଳିଗଲା ୪ ବଖରା, ଲୁନା

ଜେକେପୁର, ୯।୧(ଡି.ଏନ୍.ଏ.)- ରାୟଗଡା ବ୍ଲକ୍ କୁମୁଟିପେଣ୍ଠ ପଞ୍ଚାୟତ ସଦରରେ ନିଆଁଲାଗି ୨ଟି ପରିବାରର ୪ ବଖରା ଘର ଓ ଏକ ଲୁନା ଜଳି ଭସ୍ମୀଭୂତ ହୋଇଯାଇଛି। ମଙ୍ଗଳବାର ରାତିରେ ପ୍ରାୟ ୧୦.୩୦ମିନିଟ୍‌ରେ କୌଣସି କାରଣରୁ ଗୋବିନ୍ଦ ସ୍ୱାଇଁ ଓ ଶିବରାମ ପଲେଇଙ୍କ ଘରେ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ପ୍ରବଳ ଥିଲା ଯେ ଘରର ସମସ୍ତ ଆସବାବପତ୍ର ସହ ଶିବରାମଙ୍କ ଲୁନା ମଧ ପୋଡି ଯାଇଛି। ଖବରପାଇ ରାୟଗଡା ଦମକଳ ବାହିନୀ ସେଠାରେ ପହଞ୍ଚି ନିଆଁ ଲିଭାଇଥିଲା। ବୁଧବାର ରାଜସ୍ୱ ନିରୀକ୍ଷକ ଦେବପ୍ରସାଦ ମଲ୍ଲ ଘଟଣାସ୍ଥଳକୁ ଯାଇ କ୍ଷୟକ୍ଷତି ଆକଳନ କରିଥିବା ଜଣାପଡିଛି।

### ମହିଳାଙ୍କୁ ଆକ୍ରମଣ, ଅସଦାଚରଣ ଅଭିଯୋଗ ଜେଲ ଗଲେ ଅଭିଯୁକ୍ତ

ଦିଗପହଣ୍ଡି,୯।୧(ଡି.ଏନ.ଏ.): ଦିଗପହଣ୍ଡି ବ୍ଲକ ବିଜୟଲକ୍ଷ୍ମୀ ନାରାୟଣପୁର ପଞ୍ଚାୟତ ଜାମୁ ସାହିର ବିଶୁ ନାଇକଙ୍କୁ କେ.ନୂଆଗାଁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି । ଏ ନେଇ ନଂ. ୮/୧୯ରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ସୋମବାର ସକାଳ ପ୍ରାୟ ୭ଟାରେ ଅଭିଯୁକ୍ତ ବିଶୁ ଜଣେ ମହିଳାଙ୍କୁ ମାଡ଼ ମାରିବା ସହ ଟଣାଓଟରା କରିଥିବା ଅଭିଯୋଗ ହୋଇଥିଲା । ମହିଳାଙ୍କ ଏତଲାକ୍ରମେ ଥାନା ଆଇଆଇସି ସୁଜିତ କୁମାର ନାୟକ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ ।

### ସ୍କୁଟିରୁ ଗଞ୍ଜେଇ ଜବତ, ଚାଳକ ଗିରଫ

ଦିଗପହଣ୍ଡି,୯।୧(ଡି.ଏନ.ଏ.)- ଦିଗପହଣ୍ଡି ପୋଲିସ ସୋମବାର ପୀତାମ୍ବରପୁର ଛକ ନିକଟରେ ଏକ ସ୍କୁଟିରୁ ଗଞ୍ଜେଇ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବ୍ରହ୍ମପୁର ହାତୀବନ୍ଧ ସାହିର ଅଜୟ୍ କୁମାର ବେହେରା। ଅଜୟ୍ ସ୍କୁଟି ନେଇ ଆସୁଥିବା ବେଳେ ଜଣେ ଆଇସକ୍ରିମ ବିକ୍ରେତାଙ୍କ ଠେଲାଗାଡିକୁ ଧକ୍କା ଦେଇଥିଲେ। ପୋଲିସ ପହଞ୍ଚି ଉକ୍ତ ସ୍କୁଟିକୁ ଜବତ କରିବା ସହ ସେଥିରେ ଥିବା ୩ କେଜି ୬୨୦ ଗ୍ରାମ ଗଞ୍ଜେଇ ଜବତ କରିଥିଲା। ଥାନାରେ ଅଭିଯୁକ୍ତ ସ୍କୁଟି ଚାଳକଙ୍କୁ ଅଟକ ରଖି ତଦନ୍ତ ଚାଲିଥିଲା। ପରେ ଥାନା ଏସଆଇ ଆଦିତ୍ୟ ଜେନାଙ୍କ ଏତଲାକ୍ରମେ ନଂ.୩/୧୯ରେ ମାମଲା କରାଯାଇ ଅଜୟ୍‌ଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ବ୍ରହ୍ମପୁର ଜେଲ ହାଜତକୁ ପଠାଯାଇଛି।

### ଛୁରାମାଡ଼ରେ ଯୁବକ ଗୁରୁତର

ହିଞ୍ଜିଳିକାଟୁ, ୯।୧(ଡ଼ି.ଏନ୍.ଏ.)- ହିଞ୍ଜିଳି ଥାନା ତହଁର ଗ୍ରାମରେ ବୁଧବାର ମଧାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ଜଣଙ୍କ ମଧରେ ଗଣ୍ଡଗୋଳ ଘଟି ଛୁରାମାଡ଼ରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ କାଳୀ ମନ୍ଦିର ସାହିର ସନ୍ତୋଷ ବେହେରା। ସନ୍ତୋଷଙ୍କ ସ୍ତ୍ରୀ ରିନା ବେହେରାଙ୍କ ଅଭିଯୋଗ କ୍ରମେ ହିଞ୍ଜିଳି ଥାନାରେ ନଂ. ୨/୧୯ରେ ଏକ ମାମଲା ରୁଜୁ ହୋଇଛି। ଏ ନେଇ ଅଭିଯୁକ୍ତ ତହଁର ଗ୍ରାମର ପଞ୍ଚାନନ ବେହେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ସନ୍ତୋଷଙ୍କୁ ପରିବାର ଲୋକେ ଉଦ୍ଧାର କରି ହିଞ୍ଜିଳିକାଟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା ପରେ ସେ ବିପଦମୁକ୍ତ ଅବସ୍ଥାରେ ଘରକୁ ଫେରିଛନ୍ତି।

# ଭିଜିଲାନ୍ସ ଜାଲରେ ଆର୍‌ଆଇ

**ଜମି ମ୍ୟୁଟେଶନ ପାଇଁ ନେଉଥିଲେ ହଜାରେ ଟଙ୍କା ଲାଞ୍ଚ**

ରାୟଗଡା ଅଫିସ/ ଟିକିରି, ୯।୧(ଡି.ଏନ୍.ଏ.)

ଜମି ମ୍ୟୁଟେଶନ କରାଇବା ପାଇଁ ହଜାରେ ଟଙ୍କା ଲାଞ୍ଚ ନେଉଥିବାବେଳେ ଜଣେ ଆର୍‌ଆଇ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସେ ହେଲେ ରାୟଗଡା ଜିଲା କାଶୀପୁର ବ୍ଲକ ଗୋରଖପୁର ରାଜସ୍ୱ ନିରୀକ୍ଷକ ପ୍ରଫୁଲ୍ଲ କୁମାର ବାଉରୀ। ଗିରଫ ପରେ ତାଙ୍କୁ ରାୟଗଡ଼ା ଭିଜିଲାନ୍ସ କାର୍ଯ୍ୟାଳୟକୁ ଅଣାଯାଇଛି। ଗୁରୁବାର ପ୍ରଫୁଲ୍ଲଙ୍କୁ କୋର୍ଟଚାଲାଣ କରାଯିବ ବୋଲି ସୂଚନ ମିଳିଛି। ପ୍ରକାଶଯେ, ଉପରମାଳିଗାଁ ଗ୍ରାମର ଜୟଧନ ଗୌଡ ଜମି ମ୍ୟୁଟେଶନ ଆବେଦନ କରିଥିଲେ। ମ୍ୟୁଟେଶନ ପରେ ତାଙ୍କ ଜମିର ପଟ୍ଟା ତହସିଲରେ ହୋଇଥାଆନ୍ତା। କିନ୍ତୁ ଆର୍‌ଆଇ ପ୍ରଫୁଲ୍ଲ ବାଉରୀ ମ୍ୟୁଟେସନ ନକରି ଆବେଦନକାରୀଙ୍କୁ ହଇରାଣ କରିଥିଲେ। ୧୧୦୦ଟଙ୍କା ଲାଞ୍ଚ ଦେଲେ ମ୍ୟୁଟେଶନ କରାଯିବ ବୋଲି ସେ କହିଥିଲେ। ଏନେଇ ଜୟଧନ ରାୟଗଡା ଭିଜିଲାନ୍ସ କାର୍ଯ୍ୟାଳୟକୁ ଆସି ୨ଦିନ ପୂର୍ବେ ଅଭିଯୋଗ କରିଥିଲେ। ବୁଧବାର ଭିଜିଲାନ୍ସ ଟିମ୍ ଜୟଧନଙ୍କୁ କେମିକାଲବୋଳା ଟଙ୍କା ପ୍ରଦାନ କରିଥିଲେ। ଉକ୍ତ ଟଙ୍କାକୁ ଆର୍‌ଆଇ ବାଉରୀ ରଖିବାବେଳେ ସେଠାରେ ପୂର୍ବରୁ ଉପସ୍ଥିତ ଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଧରିଥିଲେ। ଆର୍‌ଆଇଙ୍କୁ ଦୀର୍ଘ ଦେଢ଼ଘଣ୍ଟା ତାଙ୍କ କାର୍ଯ୍ୟାଳୟରେ ପଚରା ଉଚୁରା କରାଯିବା ପରେ ଗିରଫ କରାଯାଇଥିଲା। ଅଧିକ ତଦନ୍ତପରେ ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ବିଶ୍ୱାଳ କହିଛନ୍ତି।



ଗିରଫ ଆରଆଇ ।

### ୩୦ ଆଇନଜୀବୀଙ୍କ ନାମରେ ମାମଲା ରୁଜୁ କଲା ପୋଲିସ

# ଆଜି ଓକିଲ ସଂଘର ଜରୁରୀ ବୈଠକ

**ଅବିଭକ୍ତ କୋରାପୁଟରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଆନ୍ଦୋଳନ ଘଟଣା**

ଗୁଣପୁର,୯।୧(ଡି.ଏନ୍.ଏ.)

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଗୁଣପୁରଠାରେ ଓକିଲମାନେ ଗତ ୧୮ ତାରିଖରେ ବନ୍ଦ ପାଳନ କରିଥିଲେ। ଫଳରେ ଯାନବାହନ ଯାତାୟାତ ବାଧାପ୍ରାପ୍ତ ହେବାସହ ଦୋକାନ ବଜାର ବନ୍ଦ ରହିଥିଲା। ଏହି ଘଟଣାରେ ଗୁଣପୁର ଆଇଆଇସି ରବୀନ୍ଦ୍ର କୁମାର ପାତ୍ର ଓକିଲଙ୍କ ନାମରେ ଏତଲା ଦେଇଛନ୍ତି। ଏହାକୁ ନେଇ ଓକିଲ ସଂଘ ଅସନ୍ତୋଷ ବ୍ୟକ୍ତ କରିଛି। ଗୁରୁବାର ଓକିଲ ସଂଘର ଏକ ବୈଠକ କରାଯାଇ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ କହିଛନ୍ତି। ପ୍ରକାଶ ଯେ, ଗତ ୧୮ ତାରିଖ ବନ୍ଦ ପାଇଁ ପୋଲିସ ଓକିଲ ସଂଘ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଉପସଭାପତି ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ, ସମ୍ପାଦକ ବିଷ୍ଣୁ ପାଢୀ,ଉମାଚରଣ ପଟ୍ଟନାୟକ, ପ୍ରଶାନ୍ତ କୁମାର ପଟ୍ଟନାୟକ, ଦେବେନ୍ଦ୍ର ଗୌଡ, ବିଶ୍ୱନାଥ ସାହୁ, ଏସ୍.ଶିବାଜୀ, ସନ୍ତୋଷ ସାହୁ, ଏସ୍.ବାବା ପ୍ରସାଦ ରାଓଙ୍କ ସମେତ ୩୦ ଓକିଲଙ୍କ ନାମରେ ଦଫା ୧୪୩,୨୯୦,୪୩୧,୧୪୯ ରେ ମାମଲା ରୁଜୁ କରିଛି। ତେଣୁ ଗୁରୁବାର ବୈଠକ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସଂଘ ସ୍ଥିର କରିଛି।



ମହିଳାମାନେ ଝୋଟି ଆଙ୍କୁଛନ୍ତି।

# ଚଇତି ପାଇଁ ବିଭିନ୍ନ ପ୍ରତିଯୋଗିତା

ଗୁଣପୁର,୯।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁରରେ ଉପଖଣ୍ଡସ୍ତରୀୟ ଚଇତି ଉତ୍ସବ 'ଇଡିତାଲ-୨୦୧୯' ଶୁକ୍ରବାରଠାରୁ ୩ଦିନ ଧରି ନୂତନ ବସଷ୍ଟାଣ୍ଡସ୍ଥିତ ଚଇତି ମଣ୍ଡପରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ବୁଧବାର ମହିଳାମାନଙ୍କୁ ନେଇ ଏକ ଝୋଟି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ବହୁସଂଖ୍ୟକ ମହିଳା ଭାଗ ନେଇଥିଲେ। ଆସିଷ୍ଟାଣ୍ଟ କଲେକ୍ଟର ରୀନା ପ୍ରଧାନ, ଯୁକ୍ତ୨ ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁଜାତା ଦାସ, ସିଡିପିଓ କିରନ ମୁର୍ମୁ ପ୍ରମୁଖ ଉପସ୍ଥିତ ରହି ଏହାକୁ ପରିଚାଳନା କରିଥିଲେ। ଅମ୍ବିକାରାଣୀ ମହାପାତ୍ର, ଡି.ରାଜେଶ୍ୱରୀ, କମଳା କୁମାର ପଟ୍ଟନାୟକ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ। ଝୋଟିରେ ଟି.ତେଜଶ୍ୱରୀ ପ୍ରଥମ ସ୍ଥାନ ହାସଲ କରିଥିଲେ। ସ୍ମିତାରାଣୀ ଜେନା ଓ ନରେନ୍ଦ୍ର ଶ୍ରୀରାମ ଯୁଗ୍ମ ଦ୍ୱିତୀୟ ଏବଂ ଚିନ୍ତାଡା ଶ୍ରାବଣ ଓ ରୋଜିକୋରା ତୃତୀୟ ସ୍ଥାନ ହାସଲ କରିଥିଲେ। ମ୍ୟୁଜିକାଲ ଚେୟାରରେ ସ୍ମିତାରାଣୀ ଜେନା ୧ମ, ମାଧୁରୀ ମିଶ୍ର ୨ୟ, ସସ୍ମିତା ଚୌଧୁରୀ ୩ୟ ହୋଇଥିଲେ। ସେହିଭଳି ମଙ୍ଗଳବାର ସୁନ୍ଦର ଶିଶୁ ପ୍ରତିଯୋଗିତା ହୋଇଥିଲା। ଏଥିରେ ପ୍ରତ୍ୟୁସାମିତା ୧ମ, ସାବିତ୍ରୀ ନନ୍ଦ ୨ୟ, ଆରିୟାନ କୁମାର ଜେନା ୩ୟ ସ୍ଥାନ ପାଇଥିଲେ।

# ଚିନାସାରି ପଞ୍ଚାୟତରେ ତାଲା ପକାଯିବା ଘଟଣା:୩ ଗିରଫ

ଗୁଣପୁର,୯।୧(ଡି.ଏନ୍.ଏ.)

ରାୟଗଡା ଜିଲା ଗୁଣପୁର ବ୍ଲକ ଚିନାସାରି ପଞ୍ଚାୟତରେ ତାଲା ପକାଯିବା ସହ ସରପଞ୍ଚଙ୍କୁ ଅସଦ୍ ବ୍ୟବହାର ପ୍ରଦର୍ଶନ ଅଭିଯୋଗରେ ପୁଟାସିଂ ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପୂର୍ବତନ ସରପଞ୍ଚ ଇସ୍ମାଇଲ ଶବର ରାଢେଶାଲ ଗ୍ରାମର ପଶି ଶବର ଓ ସମ୍ବରା ଶବର।

ପ୍ରକାଶ ଯେ, ଗତ ୪ ତାରିଖରେ ପଞ୍ଚାୟତର ବୈଠକ ଚାଲିଥିଲା। ବୈଠକରେ ସରପଞ୍ଚଙ୍କ ସମେତ ୱାର୍ଡ ମେମ୍ବରମାନେ ଉପସ୍ଥିତ ଥିଲେ। ଏହି ସମୟରେ ଇସ୍ମାଇଲଙ୍କ ସମର୍ଥକମାନେ ପଞ୍ଚାୟତ କାର୍ଯ୍ୟାଳୟକୁ ଆସି ସରପଞ୍ଚଙ୍କୁ ଅସଦ୍ ବ୍ୟବହାର କରିବା ସହ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଗୁଣପୁର ଏବଂ ପୁଟାସିଂ ପୋଲିସ ସେଠାରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରଥିଲେ। ପରେ କାର୍ଯ୍ୟାଳୟରୁ ତାଲା ଖୋଲି ଲୋକଙ୍କୁ ଛାଡିଥିଲେ। ଏହି ଘଟଣାରେ ସରପଞ୍ଚ ନିର୍ମଳା ମଣ୍ଡଳ ଇସ୍ମାଇଲ ଓ ତାଙ୍କ ସମର୍ଥକଙ୍କ ନାମରେ ମାମଲା ରୁଜୁ କରିଥିଲେ। ଘଟଣାରେ ପୁଟାସିଂ ପୋଲିସ ମଙ୍ଗଳବାର ୩ ଜଣଙ୍କୁ ଗିରଫ କରିବା ସହ ବୁଧବାର କୋର୍ଟଚାଲଣ କରିଥିବା ଆଇଆଇସି ପଦ୍ମାମୁଥୁ ସୂଚନା ଦେଇଛନ୍ତି। ଅପରପକ୍ଷେ ମଙ୍ଗଳବାର ଇସ୍ମାଇଲଙ୍କ ସ୍ତ୍ରୀ ସିନେମି ଶବର ସରପଞ୍ଚ ନିର୍ମଳା ମଣ୍ଡଳ ଏବଂ ତାଙ୍କ ସମର୍ଥକଙ୍କ ନାମରେ ପୁଟାସିଂ ଥାନାରେ ପାଲଟା ଅଭିଯୋଗ କରିଛନ୍ତି।

## ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ୍

ଜେକେପୁର, ୯।୧(ଡି.ଏନ୍.ଏ.)

ରାୟଗଡା ଜିଲା ଚାନ୍ଦିଲି ଥାନା ଅଧୀନ ଜେକେପୁର ୩୨୬ ନମ୍ବର ଜାତୀୟ ରାଜପଥ ଉପରେ ଟ୍ରାକ୍ଟର ଉପରକୁ ଏକ ମାଲ ବୋଝେଇ ଟ୍ରକ୍ ମାଡିଯାଇଛି। ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି।

ବୁଧବାର ସନ୍ଧ୍ୟାରେ ଛତିଶଗଡରୁ କୁଣ୍ଡା ବୋଝେଇ କରି ଏକ ଟ୍ରକ୍ (ଏପି୩୧-ଟିଏଚ୍-୫୭୬୭) ଆନ୍ଧ୍ରପ୍ରଦେଶକୁ ଯାଉଥିଲା। ଏହି ସମୟରେ ଜେକେପୁର ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ନିକଟରେ ସାମ୍ନାପଟୁ ଆସୁଥିବା ଏକ ଟ୍ରାକ୍ଟର (ଓଡି-୧୮ଇ-୦୯୬୯)କୁ ଧକ୍କା ଦେଇ ତା' ଉପରକୁ ମାଡିଯାଇଥିଲା। ତେବେ ଟ୍ରାକ୍ଟର ଡ୍ରାଇଭର ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିବା ଜଣାପଡିଛି। ତେବେ ସକାଳ ୭ଟାରୁ ରାତି ୧୦ଟା ଯାଏ ଏହି ରାସ୍ତାଦେଇ ଭାରିଯାନ ଚଳାଚଳ ନିଷିଦ୍ଧ ରହିଛି। ଏହି ନିୟମକୁ କଡାକଡି ପାଳନ ପାଇଁ ଚାନ୍ଦିଲି ପୋଲିସ ପକ୍ଷରୁ ଜଗୁଆଳ ବ୍ୟବସ୍ଥା କରାଯାଇଥିବା ସତ୍ତ୍ୱେ ଏହି କୁଣ୍ଡା ବୋଝେଇ ଟ୍ରକ୍ କିପରି ଜେକେପୁର ସହର ମଧକୁ ପ୍ରବେଶକଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଜେକେପୁର, ୯।୧(ଡି.ଏନ୍.ଏ.)

ରାୟଗଡା ଜିଲା କୋଲ୍ଲାପେଟା ପଞ୍ଚାୟତ ସଦର ସଦ୍‌ଗୁରୁ ମନ୍ଦିର ନିକଟରୁ ମଙ୍ଗଳବାର ଚାନ୍ଦିଲି ପୋଲିସ ଏକ ଅଚିହ୍ନା ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରିଛି। ବୃଦ୍ଧ ଜଣଙ୍କ କିଛିଦିନ ହେଲା ସ୍ଥାନୀୟ ଅଞ୍ଚଳରେ ଘୁଷୁରି ଘୁଷୁରି ବୁଲୁଥିଲେ। ଚାନ୍ଦିଲି ପୋଲିସ କେଶ୍ ନମ୍ବର ୧/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇଛି। ୬ ଦିନମଧରେ ମୃତକଙ୍କ କେହି ଦାବିଦାର ନ ଆସିଲେ ତାହାକୁ ସତ୍କାର କରିଦିଆଯିବ ବୋଲି ଚାନ୍ଦିଲି ଥାନା ଏଏସ୍‌ଆଇ ଅଶୋକ ନାୟକ ସୂଚନା ଦେଇଛନ୍ତି।

# ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ୍

ରାୟଗଡା ଅଫିସ, ୯।୧



ରାୟଗଡା ଅତିରିକ୍ତ ଜିଲା ଓ ଦୌରାଜଜ୍ ଦେବଦତ୍ତ ଦାସ ମହାପାତ୍ର ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ ସହ ୩୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ହେଲେ କାଶୀପୁର ବ୍ଲକ ତୁଜେର ଗ୍ରାମର ବିମଳ ନାୟକ।

ପ୍ରକାଶଯେ, ୨୦୧୭ ଏପ୍ରିଲ୍ ୨୬ରେ ଜଣେ ନାବାଳିକା ଘରେ ଏକା ଥିବା ସୁଯୋଗ ନେଇ ବିମଳ ସେଠାକୁ ଯାଇଥିଲେ। ପରେ ଜବରଦସ୍ତି ନାବାଳିକାଙ୍କୁ ଏକ ବୁଦାମୂଳକୁ ନେଇ ବଳାତ୍କାର କରିଥିଲେ। ବଳାତ୍କାର ପରେ ନାବାଳିକାଙ୍କୁ ଛାଡି ଚାଲିଯାଉଥିବା ବେଳେ ତାଙ୍କ ଭାଇ ଏହା ଦେଖିଥିଲେ। ଏ ସମ୍ପର୍କରେ ଦୋରାଗୁଡା ଥାନାରେ ପୀଡିତା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାରେ ୧୯ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ। ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ଅଦାଲତ ଏହି ରାୟ ଶୁଣାଇଥିବା ସରକାରୀ ଓକିଲ ସି.ଏଚ୍ ଶ୍ରୀନିବାସ ରାଓ କହିଛନ୍ତି।

# ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ



ଭସ୍ମୀଭୂତ ହୋଇଯାଇଥିବା ଘର।

**ଜଳିଗଲା ୧୫ ବଖରା**

ଗୁଣପୁର,୯।୧(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ଶିରିଝୋଲି ଗ୍ରାମରେ ବୁଧବାର ଅଗ୍ନିକାଣ୍ଡ ଘଟି ୪ଟି ଘରର ୧୫ବଖରା ଭସ୍ମୀଭୂତ ହୋଇଯାଇଛି। ଗ୍ୟାସ୍ ଲିକ୍ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ମଧାହ୍ନରେ ବସନ୍ତ ଧୋବାଙ୍କ ଘରୁ ଗ୍ୟାସ ଲିକ୍ ହେବା ସହ ସିଲିଣ୍ଡର ଫାଟିଯାଇଥିଲା। ଫଳରେ ନିଆଁ ଚାରିଆଡେ ବ୍ୟାପିଯାଇଥିଲା। ନିଆଁ ବ୍ୟାପିବାରୁ ଜଗଦୀଶ ପାତ୍ର, ଭୀମସେନ ଗୌଡଙ୍କ ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଥିବା ବେଳେ ରାମକୃଷ୍ଣ ଗୌଡଙ୍କ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତହସିଲଦାର ନମ୍ରତା ମୋଦି ସେଠାକୁ ଯାଇ ସରକାରୀ ନିୟମାନୁଯାୟୀ ସହାୟତା ଦିଆଯିବ ବୋଲି କହିଛନ୍ତି। ଚାଉଳ, ଧାନ, ମୋଟର ସହ ଆସବାବପତ୍ର ଆଦି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଛାରଖାର ହୋଇଯାଇଛି।

### ଆଗୁଳ ଆଶ୍ରମ ବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସଂଘ ବୈଠକ

# ସମନ୍ୱୟ ରହିଲେ ବିଦ୍ୟାଳୟର ଉନ୍ନତି ସମ୍ଭବ

ମୁନିଗୁଡା, ୯।୧(ଡି.ଏନ୍.ଏ.)–

ମୁନିଗୁଡା ବ୍ଲକ ଅଧୀନ ଆଗୁଳ ଆଶ୍ରମ ବିଦ୍ୟାଳୟରେ ବୁଧବାର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଦ୍ୟାଭୂଷଣ ମହାନ୍ତିଙ୍କ ସଭାପତିତ୍ୱରେ ଚତୁର୍ଥ ଅଭିଭାବକ ଶିକ୍ଷକ ସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ବେହେରାଙ୍କ ସଂଯୋଜିତ ଉକ୍ତ ବୈଠକରେ ସ୍ଥାନୀୟ ସରପଞ୍ଚ ଗୌରାଙ୍ଗ ପିଡିକାକା ମୁଖ୍ୟଅତିଥି, ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି କେଶବ ସାରକା, ସଦସ୍ୟ ପତି ଗଡନାକା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ରାଓ, ସିଆରସିସି ସନ୍ତୋଷ ଚୌଧୁରୀ, ତପନ କୁମାର ମଲ୍ଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ର-ଅଭିଭାବକ-ଶିକ୍ଷକମାନଙ୍କ ମଧରେ ସମନ୍ୱୟ ରହିଲେ ବିଦ୍ୟାଳୟର ଉନ୍ନତି ହେବ ବୋଲି ଅତିଥିମାନେ ମତ ଦେଇଥିଲେ। ୩୦୦ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୩ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିବାରୁ ଅଭିଭାବକମାନେ କ୍ଷୋଭ ପ୍ରକାଶ କରିଥିଲେ। ତୁରନ୍ତ ଖାଲିପଡିଥିବା ପଦବୀ ପୂରଣ କରିବାକୁ ସେମାନେ ଦାବି କରିଥିଲେ। ଛାତ୍ରୀ ସୀତା ଗାଡାକା ଓ ଅଞ୍ଜଳି ମତରଙ୍ଗ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପୁଷ୍ପଲତା ପିଡିକାକା, ବାସନ୍ତୀ ଗୌଡ, ଇନ୍ଦ୍ରଜିତ ମାଝି, ଗୀତାଞ୍ଜଳି ଗୌଡ, ସୁନ୍ଦର ନୁଣ୍ଡକା, ଧର୍ମେନ୍ଦ୍ର ସାରକା, ସଂଯୁକ୍ତା ମାଝି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଟ୍ରାକ୍ଟର ଧକ୍କାରେ ଜଣେ ମୃତ

ଟିକିଟି,୯।୧(ଡି.ଏନ.ଏ.)

ଗୋଳନ୍ତରା ଥାନା ହିଞ୍ଜିଳିଗାଁ ନିକଟରେ ବୁଧବାର ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବଇରିବାଡ଼ ଗ୍ରାମର ୟୁ. ପାପେୟା। ପାପେୟା ଚାଲି ଚାଲି ଗାଁକୁ ଆସୁଥିବା ବେଳେ ଧାନ ବୋଝେଇ ଏକ ଟ୍ରାକ୍ଟର ପଛପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଟ୍ରେଡ୍ ୟୁନିୟନ ଧର୍ମଘଟର ଦ୍ୱିତୀୟ ଦିନ

# ଗଡ଼ିଲାନି ଗାଡ଼ି, ଖୋଲିଲାନି ଶିକ୍ଷାନୁଷ୍ଠାନ





ଗୁଣପୁରରେ ବିଏସ୍ଏନ୍ଏଲ୍‌କର୍ମଚାରୀଙ୍କ ଧାରଣା ଚାଲିଛି ।





ମୁନିଗୁଡ଼ାରେ ଏଆଇକେଏମ୍‌ଏସ୍ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଗୁଣପୁର/ମୁନିଗୁଡ଼ା,୯।୧(ଡି.ଏନ୍.ଏ.)

୧୨ ଦଫା ଦାବିରେ ବିଭିନ୍ନ ଟ୍ରେଡ ୟୁନିୟନ ପକ୍ଷରୁ ମଙ୍ଗଳବାରଠାରୁ ୨ ଦିନିଆ ବନ୍ଦ ଡାକରା ଦିଆଯାଇଥିଲା। ବୁଧବାର ଗୁଣପୁର ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟରେ କର୍ମଚାରୀ ସଂଘ ସଭାପତି ଦୁର୍ଗା ପ୍ରସାଦ ମହାପାତ୍ର ଏବଂ ସମ୍ପାଦକ ଟି.ମୋହନ ରାଓଙ୍କ ନେତୃତ୍ୱରେର ଧାରଣା ଦିଆଯାଇଥିଲା। ସେହିପରି ସିପିଆଇଏମଏଲ୍ ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଶୋଭାଯାତ୍ରା କରାଯିବା ସହ ପିକେଟିଂ କରି ଦୋକାନ ବଜାର ଏବଂ ବିଭିନ୍ନ କାର୍ଯ୍ୟାଳୟ ବନ୍ଦ କରାଯାଇଥିଲା। ବିକ୍ଷୋଭକାରୀମାନେ ଆଇଟିଡିଏ କାର୍ଯ୍ୟାଳୟରେ ପଶି ବନ୍ଦ କରିବା ସହ ବ୍ଲକ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଏଥିସହ ଟାୟାର ଜାଳି ରାସ୍ତା ଅବରୋଧ କରାଯାଇଥିଲା। ସ୍କୁଲ କଲେଜ ମଧ ବନ୍ଦ ରହିଥିଲା। ବସ, ଟ୍ରକ ଏବଂ ଅଟୋ ଚଳାଚଳ ବନ୍ଦ ରହିଥିଲା। ରାୟଗଡ଼ା ଜିଲା ମୁନିଗୁଡା ଥାନା ଭୁର୍ସାଖୁମା ଛକଠାରେ ଇଣ୍ଡିଆନ୍ ଫେଡେରେଶନ୍ ଅଫ୍ ଟ୍ରେଡ୍ ୟୁନିୟନ, ଓଡ଼ିଶାର ଆହ୍ୱାନ କ୍ରମେ ମୁନିଗୁଡ଼ାରେ ବନ୍ଦ ପାଳନ କରାଯାଇଛି। ବୁଧବାର ଏଆଇକେଏମ୍‌ଏସ୍‌ର ବ୍ଲକ ସଭାପତି ହରିବନ୍ଧୁ କାଡ୍ରାକାଙ୍କ ନେତୃତ୍ୱରେ ଶତାଧିକ କର୍ମୀଙ୍କ ସହ ବନ୍ଦ ଡାକରା ହେବା ସହ ରାୟଗଡ଼ା ଓ କଳାହାଣ୍ଡି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଯାହା ଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଶତାଧିକ ମାଲ ବୋଝେଇ ଟ୍ରକ ରାସ୍ତାରେ ଅଟକି ରହିଥିଲା। ଏଥିସହ ଏଆଇକେଏମ୍‌ଏସ୍‌ର ସଦସ୍ୟମାନେ ମୁନିଗୁଡା ଠାରେ ପହଞ୍ଚି ସ୍ଥାନୀୟ ମୁନିଖୋଲଠାରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସହର ପରିକ୍ରମାବେଳେ ସରକାରଙ୍କ ଶ୍ରମିକମାରଣ ନୀତିକୁ ବିରୋଧ କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ମଧ ନାରାବାଜି କରିଥିଲେ।

## ସଂକ୍ଷେପରେ

### ଦୁଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା
### ମୁଖ୍ୟ ଅଭିଯୁକ୍ତ ଗିରଫ, ସହଯୋଗୀ ଫେରାର

ବ୍ରହ୍ମପୁର ଅଫିସ୍,୯।୧: ବ୍ରହ୍ମପୁର ବୈଦ୍ୟନାଥପୁର ଥାନା ଅଧୀନସ୍ଥ ରାମନଗର ଅଞ୍ଚଳରେ ଗତ ୫ ତାରିଖ ଅପରାହ୍ନରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇ ଜଣ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ବୁଧବାର ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସହଯୋଗୀ ଜଣକ ଫେରାର ଥିବା ଜଣାପଡିଛି। ମୁଖ୍ୟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେତୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଜଣକ ହେଲେ ରାମନଗର ଅଞ୍ଚଳର ଦୟା ଦଳବେହେରା ଓରଫ୍ ରକି (୨୭)। ପ୍ରକାଶଯେ, ଘଟଣା ଘଟିବା ଦିନ ରାମନଗର ଅଞ୍ଚଳର ଏକ ଜଳଖିଆ ଦୋକାନ ମାଲିକ ସନ୍ତୋଷ ଡାକୁଆ ଏବଂ ତାଙ୍କ ସାଙ୍ଗ କିରଣ କୁମାର ଶତପଥୀ ନିଜ ଦୋକାନରେ ଥିବା ସମୟରେ ହଠାତ୍ ଦୁଇ ଜଣ ଯୁବକ ଆସି ଅତର୍କିତ କାତିରେ ଆକ୍ରମଣ କରିଥିଲେ। ସନ୍ତୋଷଙ୍କ ହାତରେ ଗଭୀର ଆଘାତ ଲାଗିଥିବା ବେଳେ କିରଣ କୌଶଳ କ୍ରମେ ଦୌଡିଯିବାରୁ ବର୍ତ୍ତିଯାଇଥିଲେ। ଦୁର୍ବୃତ୍ତମାନେ ଘଟଣାସ୍ଥଳ ଛାଡି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ସନ୍ତୋଷ ଏବଂ କିରଣଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରୁ ଚିକିତ୍ସିତ ହେବା ପରେ କିରଣ ବୈଦ୍ୟନାଥପୁର ଥାନାକୁ ଯାଇ ଏତଲା ଦେଇଥିଲେ। ପୋଲିସ ନଂ. ୨/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ବେଳେ ବୁଧବାର ସମ୍ପୃକ୍ତ ଅଭିଯୁକ୍ତ ରକିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଗିରଫ ଭୟରେ କେଉଁଆଡେ ଫେରାର ହୋଇଯାଇଥିବା ବେଳେ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି।

### କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଗସ୍ତ ନେଇ ପ୍ରସ୍ତୁତି ବୈଠକ

ପାତ୍ରପୁର,୯।୧(ଡି.ଏନ.ଏ.) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସନ୍ତା ୧୪ ତାରିଖରେ ଚିକିଟି ନିର୍ବାଚନ ମଣ୍ଡଳୀ ଗସ୍ତ କରିବେ। ସେ ପାତ୍ରପୁରରେ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦେବେ। ଏ ନେଇ ବୁଧବାର ପାତ୍ରପୁରଠାରେ ଭାଜପା ତରଫରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ଗଞ୍ଜାମ ଜିଲା ପ୍ରଭାରୀ ଗୋଲକ ମହାପାତ୍ର ଯୋଗଦେଇଥିଲେ। ସେ କେନ୍ଦ୍ରମନ୍ତ୍ରୀଙ୍କ ସଭାସ୍ଥଳ, ଓ ହେଲିପ୍ୟାଡ଼ ବୁଲି ଦେଖିଥିବା ସହ କର୍ମୀ ମାନଙ୍କ ସହ ଆଲୋଚନା କରିଥିଲେ। ଯୁବ ନେତା ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସମସ୍ତ ମଣ୍ଡଳ ସଭାପତି ଓ ବିଭିନ୍ନ ପଞ୍ଚାୟତର କର୍ମୀ ଉପସ୍ଥିତ ଥିଲେ।

### ପଲିଥିନ୍ ଚଢ଼ାଉ
### ଦିନକରେ ୭ ହଜାର ଜରିମାନା ଆଦାୟ

ବ୍ରହ୍ମପୁର ଅଫିସ,୯।୧: ବ୍ରହ୍ମପୁରକୁ ପଲିଥିନ୍, ପ୍ଲାଷ୍ଟିକ ମୁକ୍ତ ସହରରେ ପରିଣତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଦୃଢ ପଦକ୍ଷେପ ନିଆଯାଇଛି। ଦୁଇମାସ ଧରି ଏନେଇ ସହରର ବିଭିନ୍ନ ଅଞ୍ଚଳରେ ଚଢାଉ ଜାରି ରହିଥିବା ବେଳେ ବୁଧବାର ଷ୍ଟେଟବ୍ୟାଙ୍କ ଛକ ଓ ଗିରିମାର୍କେଟ ଛକରେ ଥିବା ବିଭିନ୍ନ ଦୋକାନ ଉପରେ ଚଢାଉ କରି ୬ ବସ୍ତା ପାଣିପାଉଚ ସମେତ ବିପୁଳ ପରିମାଣରେ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ କରାଯାଇଛି। ବିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣକାନ୍ତଙ୍କ ନେତୃତ୍ୱରେ ଗଠିତ ଟିମ୍ ଉକ୍ତ ଅଞ୍ଚଳର ବିଭିନ୍ନ ଦୋକାନରେ ଓ ଉଠାଦୋକାନୀଙ୍କ ଚଢାଉ କରି ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ଜବତ କରିବା ସହ ୭ ହଜାର ଜରିମାନା ଆଦାୟ କରିଥିବା ବିଏମସି ପକ୍ଷରୁ ସୂଚନା ମିଳିଛି।ସୂଚନାଯୋଗ୍ୟ, ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ମାଧ୍ୟମରେ ସହରକୁ ପଲିଥିନ, ପ୍ଲାଷ୍ଟିକମୁକ୍ତ କରିବା ଦିଗରେ ସହରକୁ ସଚେତନ କରାଯାଇଥିଲା। ଏହାବ୍ୟତୀତ ସହରର ବିଭିନ୍ନ ଜନଗହଳି ପୂର୍ଣ୍ଣ ସ୍ଥାନରେ ନିଷିଦ୍ଧ ଥିବା ପ୍ଲାଷ୍ଟିକ, ପଲିଥିନ ସାମଗ୍ରୀ ସମ୍ପର୍କରେ ସଚେତନାତ୍ମକ ହୋର୍ଡିଂ ମଧ୍ୟ ଲଗାଯାଇଛି। ଏହାସତ୍ତ୍ୱେ ସହରରେ ବେଧଡକଭାବେ ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ବିକ୍ରିକୁ ରୋକିବା ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ଗଚ୍ଛିତ ରଖିଥିବା ବ୍ୟବସାୟୀ ତଥା ଦୋକାନୀଙ୍କ ଉପରେ ଚଢାଉ କରି ଜରିମାନା ଆଦାୟ କରାଯାଉଛି।

# ବନ୍ଦ ଯୋଗୁ ଜନଜୀବନ ପ୍ରଭାବିତ



ପାରଳାଖେମୁଣ୍ଡି ସହରରେ ସିପିଆଇ(ଏମ୍) ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।


ବସ୍‌ଷ୍ଟାଣ୍ଡରେ ବସ୍‌ଗୁଡିକ ଅଟକି ରହିଛି।

ପାରଳାଖେମୁଣ୍ଡି, ୯।୧(ସ୍ୱ.ପ୍ର.)

ବିଭିନ୍ନ ଟ୍ରେଡ୍ ୟୁନିୟନ ତଥା ବାମପନ୍ଥୀ ଦଳଗୁଡ଼ିକର ମିଳିତ ଆହ୍ୱାନ କ୍ରମେ ଭାରତ ବନ୍ଦ ଡାକରାର ଦ୍ୱିତୀୟ ଦିନରେ ବୁଧବାର ଗଜପତି ଜିଲାରେ ଜନଜୀବନ ପ୍ରଭାବିତ ହୋଇଛି। ମଙ୍ଗଳବାର ଭଳି ବୁଧବାର ମଧ୍ୟ ବସ୍ ଓ ରେଳ ଚଳାଚଳ ବନ୍ଦ ରହିଥିଲା। ଫଳରେ ଯାତ୍ରୀମାନେ ହଇରାଣ ହୋଇଥିଲେ। ସେହିପରି ବିଭିନ୍ନ ବ୍ୟାଙ୍କ, ପୋଷ୍ଟ ଅଫିସ ଏବଂ ବିଦ୍ୟାଳୟଗୁଡିକ ବନ୍ଦ ରହିଥିଲା। ତେବେ ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସମେତ କେତେକ ସ୍ଥାନରେ ଦୋକାନ ବଜାର ଖୋଲିଥିଲେ ମଧ୍ୟ ଭଲ ବ୍ୟବସାୟ ହୋଇନାହିଁ। ଆଇଏନ୍‌ଟିୟୁସି, ଏଆଇଟିୟୁସି, ସିଟୁ, ସ୍ୱାଧୀନ ଫେଡେରେଶନ ଶ୍ରମିକ, ଟିୟୁସିସି, ଇତ୍ୟାଦି ଟ୍ରେଡ୍ ୟୁନିୟନ ସମେତ ସିପିଆଇ(ଏମ୍) ପକ୍ଷରୁ ପିକେଟିଂ କରାଯାଇ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ବନ୍ଦ କରାଯାଉଥିବା ଦେଖିବାକୁ ମିଳିଥିଲା। ବିଭିନ୍ନ ବ୍ଲକରେ ଶ୍ରମିକ ସଙ୍ଗଠନ ଗୁଡ଼ିକ ପକ୍ଷରୁ ବିକ୍ଷୋଭ ଓ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶ୍ରମିକଙ୍କ ମଜୁରି, ସର୍ବକାଳୀନ ସାମାଜିକ ସୁରକ୍ଷା ଓ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଘରୋଇକରଣ ଇତ୍ୟାଦି ପ୍ରସଙ୍ଗକୁ କେନ୍ଦ୍ର ସରକାର ଅଣଦେଖା କରୁଥିବାରୁ ଏହି ବନ୍ଦ ଡାକରା ଦିଆଯାଇଥିଲା ବୋଲି ବାମପନ୍ଥୀ ନେତା ଜେନା ସୁଭାସ ଚନ୍ଦ୍ର ରାଓ କହିଛନ୍ତି। ବନ୍ଦ ପାଳନବେଳେ କୌଣସି ସ୍ଥାନରେ କିଛି ଅପ୍ରୀତିକର ଘଟଣା ଘଟି ନଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ସ୍ଥାପନ ହେଉନି ନୂତନ ଟ୍ରାନ୍ସଫର୍ମର

ପାରଳାଖେମୁଣ୍ଡି, ୯।୧(ସ୍ୱ.ପ୍ର.)

ଗଜପତି ଜିଲା ପାରଳାଖେମୁଣ୍ଡି ସହରସ୍ଥ ଲକ୍ଷ୍ମୀନଗରରେ ଥିବା ଏକ ଟ୍ରାନ୍ସଫର୍ମର ଗତ ତିତ୍‌ଲି ବାତ୍ୟା ପରେ ପୋଡ଼ିଯାଇଥିଲା। ଇତିମଧ୍ୟରେ ୩ମାସ ବିତିଗଲାଣି। ମାତ୍ର ପୁରୁଣା ଟ୍ରାନ୍ସଫର୍ମର ମରାମତି କରାଯାଉନାହିଁ କି ନୂତନ ଟ୍ରାନ୍ସଫର୍ମର ସ୍ଥାପନ ହୋଇପାରିନାହିଁ। ଫଳରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଟ୍ରାନ୍ସଫର୍ମର ଉପରେ ଶ୍ରୀକରଣ ସାହି, ଲକ୍ଷ୍ମୀନଗର (୧ ଓ ୨) ଇତ୍ୟାଦି ଅଞ୍ଚଳର ଲୋକେ ନିର୍ଭର କରନ୍ତି। ବର୍ତ୍ତମାନ ସେହି ଅଞ୍ଚଳର ପ୍ରାୟ ୧ହଜାର ଉପଭୋକ୍ତାଙ୍କୁ ଭଣ୍ଡାରୀସାହି ଟ୍ରାନ୍ସଫର୍ମର ଉପରେ ନିର୍ଭର କରିବାକୁ ପଡୁଛି। ଫଳରେ ଅତ୍ୟଧିକ ଲୋଡିଂ ପଡ଼ିବା ସହ ବାରମ୍ବାର ବିଦ୍ୟୁତ ବିଭ୍ରାଟ ସୃଷ୍ଟି ହେଉଛି। ଅନ୍ୟପକ୍ଷେ ନୂତନ ଟ୍ରାନ୍ସଫର୍ମର ଅଣାଯାଇଥିଲେ ମଧ୍ୟ ସ୍ଥାପନ କରିବା ଦିଗରେ ବିଭାଗ କାଳକ୍ଷେପଣ ନୀତି ଅବଲମ୍ବନ କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ଏଭଳି ଭାବେ ସହରର ବିଭିନ୍ନ ସ୍ଥାନରେ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଆବଶ୍ୟକତା ଥିବାବେଳେ ବିଭାଗ ଚୁପ୍ ବସିଛି। ଏ ନେଇ ସାଉଥ୍‌କୋ ପାରଳାଖେମୁଣ୍ଡି ଡିଭିଜନର ସହକାରୀ ଯନ୍ତ୍ରୀ ଅଭିଷେକ ରଥଙ୍କୁ ପଚାରିବାରେ ଲକ୍ଷ୍ମୀନଗରରେ ନୂତନ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଖୁବ୍ ଶିଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।


ଭଣ୍ଡାରୀସାହିରେ ଥିବା ଟ୍ରାନ୍ସଫର୍ମର।

## ବିଭିନ୍ନ ଦାବି ନେଇ ୨୧ରେ ସିପିଆଇ(ଏମ୍)ର ଆନ୍ଦୋଳନ

ପାରଳାଖେମୁଣ୍ଡି, ୯।୧(ସ୍ୱ.ପ୍ର.)

ସିପିଆଇ(ଏମ୍) ପକ୍ଷରୁ ବିଭିନ୍ନ ଦାବି ନେଇ ଆସନ୍ତା ୨୧ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି। ଉକ୍ତ ଦିନ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ ଅଫିସ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯିବ। ତିତ୍‌ଲି ବାତ୍ୟା ବିପନ୍ନଙ୍କୁ ଥଇଥାନ ଓ ସେମାନଙ୍କୁ କ୍ଷତିପୂରଣ, ମଣ୍ଡି ଖୋଲି ଧାନ ସଂଗ୍ରହ, କୃଷକଙ୍କ ଋଣ ଛାଡ, ପେନ୍‌ସନ୍ ବ୍ୟବସ୍ଥା, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ଶହେ ଦିନର କାମ ଦେବା ଇତ୍ୟାଦି ଦାବି ଉପସ୍ଥାପନ କରାଯିବ। ଆନ୍ଦୋଳନରେ ପ୍ରାୟ ୨ହଜାର କର୍ମୀ ସାମିଲ ହେବେ ବୋଲି ସିପିଆଇ(ଏମ୍) ଗଜପତି ଜିଲା ଶାଖା ସମ୍ପାଦକ ଦଣ୍ଡପାଣି ରଇତ ସୂଚନା ଦେଇଛନ୍ତି। ତିତ୍‌ଲି ବାତ୍ୟା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଦେଇଥିବାବେଳେ ଏପର୍ଯ୍ୟନ୍ତ ସମସ୍ତଙ୍କୁ ଠିକ୍ ଭାବେ କ୍ଷତିପୂରଣ ମିଳିନାହିଁ। ସେହିପରି ଫସଲ କ୍ଷୟକ୍ଷତିର ମଧ୍ୟ ଠିକ୍ ଆକଳନ କରାଯାଇପାରିନାହିଁ। ପ୍ରଶାସନ ପକ୍ଷରୁ ସବୁ ଜାଗାରେ ଧାନମଣ୍ଡି ଖୋଲାଯାଇ ନାହିଁ କି ଧାନ କିଣାଯାଉନାହିଁ। ଫଳରେ ଚାଷୀ ହଇରାଣ ହେଉଛନ୍ତି। ଏହା ପରିତାପର ବିଷୟ।

## ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ

ବ୍ରହ୍ମପୁର ଅଫିସ୍,୯।୧

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଶ୍ରମିକ, କର୍ମଚାରୀ ନେତା ବିଶ୍ୱନାଥ ପଣ୍ଡିତଙ୍କ ଜନ୍ମ ଶତବାର୍ଷିକୀ ସମାରୋହ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ଏମ୍‌କେସିଜିରେ କର୍ମଚାରୀ, ଶ୍ରମିକ ନେତାଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି। ମେଡିକାଲ କର୍ମଚାରୀ ସଂଘ ଉପଦେଷ୍ଟା ରବି ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହୁ ବକ୍ତା ପଣ୍ଡିତଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀ, ସଂଘ ଆଇନ ପରାମର୍ଶଦାତା ତଥା ବରିଷ୍ଠ ଅଧିବକ୍ତା ପ୍ରଦୀପ ବେହେରା, ସମ୍ପାଦକ ଲାଲୁ ମୋହନ ବେହେରା, ସହ ସମ୍ପାଦକ ସୁରେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ସାତମାଇଲ ଛକରେ ଉପୁଜୁଛି ଟ୍ରାଫିକ୍ ସମସ୍ୟା

**ବସ୍‌ଗୁଡ଼ିକର ମନଇଚ୍ଛା ରହଣି**



ସାତମାଇଲ ଛକରେ ୨ଟି ବସ୍ ପରସ୍ପରକୁ ଅତିକ୍ରମ କରିବା ବେଳେ ରାସ୍ତା ଜାମ୍ ହୋଇଛି।

ପାରଳାଖେମୁଣ୍ଡି, ୯।୧(ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ସାତମାଇଲ ଛକ ମୁଖ୍ୟ ରାସ୍ତାରେ ଯାତ୍ରୀବାହୀ ବସ୍ ସମେତ ଅନ୍ୟ ଯାନବାହନଗୁଡିକର ଅବାଧ ରହଣୀ ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ପାରଳାଖେମୁଣ୍ଡିଠାରୁ ରାୟଗଡ, ଆର୍.ଉଦୟଗିରି, ବ୍ରହ୍ମପୁର, ଗଣ୍ଡାହାତୀ ପର୍ଯ୍ୟଟନସ୍ଥଳୀ, ଗୋଷାଣୀ ବ୍ଲକର ବିଭିନ୍ନ ଗ୍ରାମ ସମେତ ଜିଲାର ୫ଟି ବ୍ଲକ ଏବଂ ବ୍ରହ୍ମପୁର ସହରକୁ ଏହି ରାସ୍ତା ସଂଯୋଗ କରୁଛି। ବ୍ୟସ୍ତବହୁଳ ସାତମାଇଲ ଛକରେ ଯାତ୍ରୀ ଉଠାଇବା ପାଇଁ ବସ୍‌ଗୁଡିକ ମନଇଚ୍ଛା ଯେଉଁଠି ସେଇଠି ଦୀର୍ଘ ସମୟ ଧରି ଅଟକି ରହୁଛନ୍ତି। ସେହିପରି ଏହି ଛକରେ ଦୋକାନଗୁଡିକ ରାସ୍ତା ଉପରକୁ ମାଡିଯାଇଥିବାରୁ ରାସ୍ତା ଅଣଓସାରିଆ ହୋଇପଡୁଛି । ଯାହାଦ୍ୱାରା ରାସ୍ତା ଜାମ୍ ହୋଇ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଟ୍ରାଫିକ ସମସ୍ୟା ଦୂର ଲାଗି ପଦକ୍ଷେପ ନିଆଯିବାକୁ ଜନସାଧାରଣ ଦାବି କରିଛନ୍ତି। ଏ ସମ୍ପର୍କରେ ଗୁରାଣ୍ଡି ଥାନା ଅଧିକାରୀ ପି.ଶ୍ୟାମ ସୁନ୍ଦର ରାଓଙ୍କୁ ପଚାରିବାରେ କହିଛନ୍ତି ଯେ, ଉକ୍ତ ଛକରେ ଟ୍ରାଫିକ ବ୍ୟବସ୍ଥା ପରିଚାଳନା ପାଇଁ ଜଣେ ପୋଲିସ କର୍ମଚାରୀଙ୍କୁ ଖୁବ୍‌ଶିଘ୍ର ନିୟୋଜିତ କରାଯିବ।

# ମେଟାଲ ଉଠି ରାସ୍ତା ଅବସ୍ଥା ଶୋଚନୀୟ

ପାରଳାଖେମୁଣ୍ଡି, ୯।୧(ସ୍ୱ.ପ୍ର.)

ରାୟଗଡ ବ୍ଲକର କଇଁପୁରଠାରୁ ଜିରାଙ୍ଗ ପର୍ଯ୍ୟନ୍ତ ପ୍ରାୟ ୧୨କିମି ରାସ୍ତା ମଧ୍ୟରୁ ୨.୫କିମି ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ଏହି ୨.୫କିମି ରାସ୍ତାରେ ଚାଲିଚାଲି ତ ଦୂରର କଥା ଗାଡ଼ିମୋଟର ଯିବା କଷ୍ଟକର ହେଉଛି। ଗତ ତିତ୍‌ଲି ବାତ୍ୟା ବେଳେ ରାସ୍ତାଟି କ୍ଷତିଗ୍ରସ୍ତ ହୋଇଥିଲା। ଏବେ ନିମ୍ନମାନର କାମ ଯୋଗୁ ମେଟାଲଗୁଡ଼ିକ ଉପରକୁ ବାହାରି ଆସିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମରାମତି ଲାଗି ପ୍ରାୟ ୫କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ଜଣାପଡ଼ିଛି। ଗଜପତି ଜିଲାର ଐତିହାସିକ ପୀଠ ମହେନ୍ଦ୍ରଗିରିକୁ ରାସ୍ତାଟି ସଂଯୋଗ କରୁଛି। ସେହିପରି ଅନେକ ଆମ୍ବୁଲାନ୍ସ ଏହି ବାଟେ ଭାୟା ତୁମ୍ବା ଦେଇ ବ୍ରହ୍ମପୁର ବଡ ମେଡିକାଲ ଅଭିମୁଖେ ଯାଇଥାନ୍ତି। ଅନ୍ୟପକ୍ଷେ ବାତ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଥିବା ରାୟଗଡ ବ୍ଲକକୁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସମେତ ଅନେକ ରାଜ୍ୟସ୍ତରୀୟ ଅଧିକାରୀ, ସଚିବ ଏବଂ ମନ୍ତ୍ରୀ ଗସ୍ତରେ ଆସି ସମୀକ୍ଷା ବୈଠକ କରି ରାସ୍ତା କାମ ତ୍ୱରାନ୍ୱିତ ହେଉଥିବା ନେଇ ରିପୋର୍ଟ ଦେଇଛନ୍ତି। ମାତ୍ର ଦେଖିବାକୁ ଗଲେ ବାସ୍ତବ ଚିତ୍ର ଓଲଟା। ତୁରନ୍ତ ମରାମତି କାମ ସାରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଜିଜ୍ଞାସା ସାମଲଙ୍କୁ ପଚାରିବାରୁ ଫୋନ ଯୋଗେ କୌଣସି ସୂଚନା ଦେଇହେବ ନାହିଁ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।


ରାସ୍ତାରୁ ମେଟାଲ ଉଠିଯାଇ ପଡ଼ିରହିଛି।

## ସେଲ୍‌ଫି କର୍ଣ୍ଣର


@ ବୈକୁଣ୍ଠନାଥ


@ ଏସ୍‌ଏସ୍


@ ଦେବା


@ ଦେବେନ୍ଦ୍ର

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ
rgdselfie@gmail.com
(ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)